



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୧୮ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 18 JULY 2022
Vol.No. 35 ■ No. 186 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







# ପ୍ରକାଶ ପାଇଲା ଆଇସିଏସଇ ଦଶମ ପରୀକ୍ଷା ଫଳ




ନୂଆଦିଲ୍ଲୀ, ୧୭/୦୭ : କାଉନ୍ସିଲ୍ ଫର୍ ଦ ଇଣ୍ଡିଆନ୍ ସ୍କୁଲ୍ ସାର୍ଟିଫିକେଟ୍ ଏକଜାମିନେସନସ୍ (ସିଆଇଏସସିଇ) ଜାରି କଲା ଆଇସିଏସଇ ଦଶମ ପରୀକ୍ଷା ଫଳ। ଯେଉଁମାନେ ଆଇସିଏସଇ ଦଶମ ପରୀକ୍ଷା ଦେଇଥିଲେ ସେମାନେ ବୋର୍ଡର ଅଫିସିଆଲ୍ ୱେବସାଇଟ୍ cisce.org କୁ ଯାଇ ସେମାନଙ୍କର ଫଳାଫଳ ଯାଞ୍ଚ କରିପାରିବେ। ଫଳାଫଳ ଯାଞ୍ଚ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ରୋଲ୍ ନମ୍ବର ଦେବାକୁ ହେବ। ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ପରୀକ୍ଷାରେ ଭଲ ମାର୍କ ରଖିଥିବା ଜଣାପଡ଼ିଛି। ଛାତ୍ରୀମାନଙ୍କ ପାସ୍ ହାର ୯୯.୯୮ ଥିବା ବେଳେ ଛାତ୍ରଙ୍କ ପାସ୍ ହାର ରହିଛି ୯୯.୯୭%। cisce.org ବ୍ୟତୀତ results.cisce.org, results.nic.in ୱେବସାଇଟକୁ ଯାଇ ଛାତ୍ରଛାତ୍ରୀ ପରୀକ୍ଷାର ଫଳାଫଳ ପାଇପାରିବେ। କିପରି ଆପଣ ଫଳାଫଳ ଯାଞ୍ଚ କରିବେ, ଆସନ୍ତୁ ଜାଣିବା...ସର୍ବପ୍ରଥମେ ବୋର୍ଡର ଅଫିସିଆଲ୍ ୱେବସାଇଟ୍ ମସଙ୍ଗମର.କ୍ବୃଶ କୁ ଯାଆନ୍ତୁ, ମୂଳପୃଷ୍ଠାରେ ଥିବା 'ଆଇସିଏସଇ ଫଳାଫଳ ୨୦୨୨' ଲିଙ୍କରେ କ୍ଲିକ୍ କରନ୍ତୁ, ବର୍ତ୍ତମାନ ଇଣ୍ଡେକ୍ସ ନମ୍ବର, ୟୁଆଇଡି ଏବଂ କ୍ୟାପଚା କୋଡ୍ ପରି ଲଗ ଇନ୍ ପରିଚୟପତ୍ର ଦିଅନ୍ତୁ, ଏହା ପରେ ଆପଣଙ୍କର 'ଆଇସିଏସଇ ଦଶମ ଫଳାଫଳ ୨୦୨୨' ସ୍କ୍ରିନରେ ଖୋଲିଯିବ, ଏହାକୁ ଯାଞ୍ଚ କରନ୍ତୁ ଏବଂ ଡାଉନଲୋଡ୍ କରନ୍ତୁ । ଛାତ୍ରଛାତ୍ରୀମାନେ ଫଳାଫଳର ଡିଜିଟାଲ୍ ମାର୍କ ସିଟ୍ ଡାଉନଲୋଡ୍ କରିପାରିବେ ଏବଂ ଏହାର ଏକ ପ୍ରିଣ୍ଟଆଉଟ୍ ବାହାରପାରିବେ।

# ବିରୋଧୀ ଘୋଷଣା କଲା ଉପରାଷ୍ଟ୍ରପତି ପ୍ରାର୍ଥୀ



ନୂଆଦିଲ୍ଲୀ, ୧୭/୦୭ : କେନ୍ଦ୍ରରେ ଶାସକ ଏନଡିଏ ପକ୍ଷରୁ ଗତକାଲି ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଆଜି ବିରୋଧୀଙ୍କ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ବରିଷ୍ଠ କଂଗ୍ରେସ ନେତ୍ରୀ ମାର୍ଗାରେଟ୍ ଆଲଭା ହୋଇଛନ୍ତି ବିରୋଧିଙ୍କ ଉପ ରାଷ୍ଟ୍ରପତି ପ୍ରାର୍ଥୀ। ଏ ସମ୍ପର୍କରେ ଆଜି ଏନସିପି ନେତା ଶରଦ ପାୱାର ଘୋଷଣା କରିଛନ୍ତି। ଗତକାଲି ଉପରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ଘୋଷଣା କରିଛି ଏନ୍‌ଡିଏ। ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକର ହୋଇଛନ୍ତି ପ୍ରାର୍ଥୀ। ବିଜେପି ସଂସଦୀୟ ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଘୋଷଣା କରିଛନ୍ତି। ସୂଚନା ଅନୁଯାୟୀ, ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଗତ ଜୁଲାଇ ୫ରେ ବିଜ୍ଞପ୍ତି ଜାରି ହୋଇଥିଲା । ଏଥିପାଇଁ ମନୋନୟନ ପତ୍ର ଦାଖଲର ଶେଷ ତାରିଖ ଜୁଲାଇ ୧୯ ରଖାଯାଇଛି । ଅଗଷ୍ଟ ୬ରେ ଉପରାଷ୍ଟ୍ରପତି ନିର୍ବାଚନ ହେବ । ମାର୍ଗାରେଟ୍ ଆଲଭା ହେଉଛନ୍ତି ଗୋଆର ପୂର୍ବତନ ରାଜ୍ୟପାଳ। ସେ କର୍ଣ୍ଣାଟକ ନିବାସୀ। ମାର୍ଗାରେଟ୍ ଆଲଭା ଗୋଆ, ଗୁଜରାଟ, ରାଜସ୍ଥାନ ଏବଂ ଉତ୍ତରାଖଣ୍ଡ ରାଜ୍ୟପାଳ ଭାବରେ କାର୍ଯ୍ୟ କରିଥିଲେ। ରାଜ୍ୟପାଳ ଭାବରେ ନିଯୁକ୍ତ ହେବା ପୂର୍ବରୁ ସେ ଭାରତୀୟ ଜାତୀୟ କଂଗ୍ରେସର ଜଣେ ବରିଷ୍ଠ ନେତ୍ରୀ ଥିଲେ ଏବଂ ଅଲ ଇଣ୍ଡିଆ କଂଗ୍ରେସ କମିଟିର ଯୁଗ୍ମ ସଚିବ ଥିଲେ। ସୂଚନା ମୁତାବକ ବିରୋଧୀ ଦଳର ନେତାମାନେ ଆଜି ଦିଲ୍ଲୀରେ ଏକ ବୈଠକ କରିଥିଲେ। ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) ମୁଖ୍ୟ ଶରଦ ପାୱାରଙ୍କ ବାସଭବନରେ ଆଜି ଏହି ବୈଠକରେ ମାର୍ଗାରେଟ ଆଲଭାଙ୍କୁ ପ୍ରାର୍ଥୀ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକରେ କଂଗ୍ରେସ, ତୃଣମୂଳ କଂଗ୍ରେସ, ବାମଦଳ, ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି), ସମାଜବାଦୀ ପାର୍ଟି (ଏସପି) ସମେତ ସମସ୍ତ ପ୍ରମୁଖ ବିରୋଧୀ ଦଳର ନେତାମାନେ ଯୋଗ ଦେଇଥିଲେ। ୧୯୪୨ ଏପ୍ରିଲ ୧୪ ତାରିଖରେ ମାର୍ଗେଟ ଆଲଭା ରୋମାନ କ୍ୟାଥଲିକ୍ ପରିବାରର କର୍ଣ୍ଣାଟକର ବାଙ୍ଗାଲୋରରେ ଜନ୍ମଗ୍ରହଣ କରିଥିଲେ । ସେ ଗୋଆରେ ୧୭ତମ, ଗୁଜରାଟରେ ୨୩ତମ ଏବଂ ଉତ୍ତରାଖଣ୍ଡରେ ଚତୁର୍ଥତମ ରାଜ୍ୟପାଳ ଭାବେ ଦାୟିତ୍ୱ ଭାର ସମ୍ଭାଳିଛନ୍ତି। ୨୦୧୪ରେ ରାଜ୍ୟାପାଳ ଭାବେ ସେ ଶେଷ ଥର ପାଇଁ ଦାୟିତ୍ୱରୁ ଅବ୍ୟାହତି ନେଥିଲେ। ସେ ମଧ୍ୟ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଥିଲେ। ସେ ମଧ୍ୟ ରାଜସ୍ଥାନ ଓ ପଞ୍ଜାବର ରାଜ୍ୟପାଳ ଥିଲେ। ସେ ବାଙ୍ଗାଲୁରୁର ମାଉଣ୍ଟ କାରମେଲ କଲେଜରେ ବିଏ ପାସ କରଥିବା ବେଳେ ସେହି ସହରରେ ସରକାରୀ ଆଇନ କଲେଜରୁ ଆଇନ ପାସ କରିଛନ୍ତି।



# ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ସର୍ବଦଳୀୟ ବୈଠକ



ନୂଆଦିଲ୍ଲୀ, ୧୭/୦୭ : ଆସନ୍ତା ସଂସଦ ଅଧିବେଶନ ପୂର୍ବରୁ ରବିବାର ଦିନ କେନ୍ଦ୍ର ସରକାର ଏକ ସର୍ବଦଳୀୟ ବୈଠକ ଆୟୋଜନ କରିଛନ୍ତି । ମୌସୁମୀ ଅଧିବେଶନ ପୂର୍ବରୁ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ବିରୋଧି ମୁଦ୍ରାସ୍ଫୀତି, ଅସଂସଦୀୟ ଶବ୍ଦ ଏବଂ ଅଗ୍ନିପଥ ଯୋଜନା ପ୍ରତ୍ୟାହାର ପ୍ରସଙ୍ଗ ଉଠାଇଥିଲେ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ନେତୃତ୍ୱରେ ଆଜି ସଂସଦ ଗୃହରେ ଏହି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ସର୍ବଦଳୀୟ ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଗଣମାଧ୍ୟମକୁ କହିଛନ୍ତି ଯେ, ବିରୋଧି ସଂସଦର ଭାବମୂର୍ତ୍ତିକୁ ଖରାପ କରିବାକୁ ଚେଷ୍ଟା କରୁଛନ୍ତି । ଏଥି ସହିତ ସେ କହିଛନ୍ତି ଯେ, ନିୟମ ଏବଂ ପ୍ରକ୍ରିୟା ଅନୁଯାୟୀ ଚେୟାରର ଅନୁମତି ନେଇ ସରକାର ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି । ପ୍ରହ୍ଲାଦ ଯୋଶୀ କହିଛନ୍ତି ଯେ, ଆଜିର ବୈଠକରେ ୪୫ ରାଜନୈତିକ ଦଳକୁ ନିମନ୍ତ୍ରଣ ପଠାଯାଇଥିଲା । ଏଥି ମଧ୍ୟରୁ ୩୬ ଜଣ ପ୍ରତିନିଧିତ୍ୱ କରିଥିଲେ । ଏହି ସମସ୍ତ ଦଳର ନେତାମାନେ ସେମାନଙ୍କର ମତାମତ ଦେଇଥିଲେ, ପରାମର୍ଶ ଦେଇଥିଲେ ଏବଂ କେତେକ ପ୍ରସଙ୍ଗରେ ସରକାରଙ୍କ ଠାରୁ ସେମାନଙ୍କର ଦାବି ରଖିଥିଲେ । ସମସ୍ତ ପ୍ରସଙ୍ଗରେ ସଂସଦରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ।


# ପୁଲଓ୍ୱାମାରେ ଆତଙ୍କବାଦୀ ଆକ୍ରମଣ : ସିଆର୍‌ପିଏଫ୍‌ର ଯବାନ ଶହୀଦ

ଶ୍ରୀନଗର, ୧୭/୦୭ (ନି.ପ୍ର): ଜାମ୍ମୁ-କାଶ୍ମୀରର ପୁଲଓ୍ୱାମା ଜିଲ୍ଲାରେ ଆତଙ୍କବାଦୀମାନେ ରବିବାର ମଧ୍ୟାହ୍ନରେ ସୁରକ୍ଷାବଳଙ୍କ ନାକା ପାର୍ଟିରେ ଘାତ ଲଗାତର ଆକ୍ରମଣ କରିଛି, ଯେଉଁଥିରେ ସିଆରପିଏଫ୍‌ର ଏକ ଜବାନ ଶହୀଦ ହୋଇଛନ୍ତି। ଆକ୍ରମଣ ପରେ ଆତଙ୍କବାଦୀ ଘଟଣାସ୍ଥଳରୁ ଫେରାର ହୋଇଛନ୍ତି। ଆତଙ୍କବାଦୀଙ୍କ ଧରପକଡ଼ ପାଇଁ ସୁରକ୍ଷାବଳଙ୍କ ତଲାସୀ ଅଭିଯାନ ଜାରି ରହିଛି । ସରକାରୀ ସୂତ୍ର ଅନୁସାରେ ପୁଲବାମା ଜିଲ୍ଲାର ଗଙ୍ଗୁ କ୍ରାମିଙ୍ଗ ଚୌକରେ ସୁରକ୍ଷାବଳର ନାକା ଲଗାଯାଇଥିଲା। ଏହି ଅବସରରେ ଆତଙ୍କବାଦୀ ତାଙ୍କ ଉପରେ ଫାୟାରିଂ ଆରମ୍ଭ କରିଦେଇଛନ୍ତି। ଏହି ଆକ୍ରମଣରେ ସିଆର୍‌ପିଏଫ୍‌ର ଏଏସ୍‌ଆଇ ବିନୋଦ କୁମାର ଗମ୍ଭୀର ରୂପରେ ଆହତ ହୋଇଛନ୍ତି। ତାଙ୍କୁ ନିକଟବର୍ତ୍ତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେ ମୃତ୍ୟୁ ବରଣ କରିଦେଇଛନ୍ତି। ସେନା, ସିଆର୍‌ପିଏଫ୍ ଏବଂ ପୋଲିସ୍ ପୁରା ଅଂଚଳର ଘେରାବନ୍ଦୀ କରି ଆତଙ୍କବାଦୀଙ୍କ ଧରପକଡ଼ ପାଇଁ ତଲାସୀ ଅଭିଯାନ ଚଳାଇଛନ୍ତି। ସମାଚାର ଲେଖାହେବା ପର୍ଯ୍ୟନ୍ତ କୌଣସି ଆତଙ୍କବାଦୀଙ୍କ ଧରାପଡ଼ିବା ବା ମୃତ୍ୟୁର ଖବର ନଥିଲା।

## ଧନଖଡଙ୍କୁ ସମର୍ଥନ ଦେବ ବିଜେଡି

ଭୁବନେଶ୍ୱର,୧୭/୦୭ (ନି.ପ୍ର): ଉପରାଷ୍ଟ୍ରପତି ନିର୍ବାଚନରେ ଧନଖଡଙ୍କୁ ବିଜେଡିର ସମର୍ଥନ । ଜଗଦୀପ ଧନକଡଙ୍କୁ ସମର୍ଥନ ନେଇ ବିଜେଡି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେବା ପରେ ବିଜେଡି ସମର୍ଥନ ଘୋଷଣା କରିଛି । ନାମାଙ୍କନ ଦାଖଲ ବେଳେ ବିଜେଡିର ପ୍ରତିନିଧି ମଧ୍ୟ ଉପସ୍ଥିତ ରହିବେ । ପୂର୍ବରୁ ରାଷ୍ଟ୍ରପତି ନିର୍ବାଚନ ପାଇଁ ମଧ୍ୟ ବିଜେଡି ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଘୋଷଣା କରିଥିଲା ।

## ଆଜି ହୀରାକୁଦରୁ ଛଡାଯିବ ବନ୍ୟା ଜଳ



ସମ୍ବଲପୁର/ଭୁବନେଶ୍ୱର,୧୭/୦୭ (ନି.ପ୍ର): ସୋମବାର ଦିନ ଖୋଲିବ ହୀରାକୁଦ ଜଳଭଣ୍ଡାର । ୧୮ ତାରିଖରେ ଦିନ ୧୧ଟାରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ । ପ୍ରଥମ ପର୍ଯ୍ୟାୟରେ ୫ଟି ଗେଟ୍ ଖୋଲାଯିବ ବୋଲି ସୂଚନା ଦେଇଛନ୍ତି ମହାନଦୀ ଅବବାହିକା ମୁଖ୍ୟ ଯନ୍ତ୍ରୀ। ଜଳଭଣ୍ଡାରର ଗେଟ୍ ଖୋଲିବା ପରେ ମହାନଦୀ ଓ ତା'ର ଶାଖା ନଦୀ ଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବା ସମ୍ଭାବନା ରହିଛି। ସମ୍ବଲପୁର ସମେତ ତଳ ମୁଣ୍ଡର ୧୨ଟି ଜିଲ୍ଲାର ଜିଲ୍ଲାପାଳ ଓ ଏସପିଙ୍କୁ ସତର୍କ ସୂଚନା ଜାରି କରିଛନ୍ତି ଡ୍ୟାମ କର୍ତ୍ତୃପକ୍ଷ । ଏନେଇ ଶାଖା ନଦୀ ଫୁଲି ଉଠିବାର ସମ୍ଭାବନା ଥିବାରୁ ନଦୀକୁ ଯିବାକୁ ବାରଣ କରାଯାଇଛି ।

# ଆହାର କେନ୍ଦ୍ରରେ ଅବ୍ୟବସ୍ଥା ଅଭିଯୋଗ

କେନ୍ଦ୍ରାପଡା,୧୭/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ଥିବା ଅଭିଯୋଗ ହୋଇଛି । ଏହି କେନ୍ଦ୍ରରେ ଦୈନିକ ଦିନବେଳା ୫୦୦ ଏବଂ ସଂନ୍ଧ୍ୟା ସମୟରେ ୧୫୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କର ୫ ଟଙ୍କାରେ ଖାଇବାର ବ୍ୟବସ୍ଥା ରହିଛି । କିନ୍ତୁ ଏହି ଆହାର କେନ୍ଦ୍ରରେ ଦୀର୍ଘ ୧ମାସରୁ ଉର୍ଦ୍ଧ୍ୱ ହେବ ଥାଳି ଧୋଇବା ମେସିନ, ପାନୀୟ ଜଳ ସଂଯୋଗ ଏକ ଶୀତ ତାପ ନିୟନ୍ତ୍ରଣ ର ବିଦ୍ୟୁତ୍ ସଂଯୋଗ ଖରାପ ହୋଇ ପଡିଛି । ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ଦ୍ୱାରା ପରିଚାଳିତ ଏହି କେନ୍ଦ୍ରରେ ଖାଇବାକୁ ଆସୁଥିବା ଲୋକମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ମେସିନ ଖରାପ ଥିବାରୁ ଥାଳି ଗୁଡିକ ଠିକ ଭାବରେ ଧୁଆ ହୋଇପାରୁ ନାହିଁ । ଏକା ସାଙ୍ଗରେ ୫୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଖାଉଥିବା ସମୟରେ ବିଦ୍ୟୁତ୍ ସଂଯୋଗ ନଥିବାରୁ ପଙ୍ଖା ଗୁଡିକ ଅଚଳ ହୋଇ ପଡିଛି । ସାଧାରଣ ଲୋକେ ଗରମରେ ଛଟପଟ ହେଉଥିବା ଦେଖିବାକୁ ମିଳିଛି । ପାନୀୟ ଜଳ ବ୍ୟବସ୍ଥା ଥିଲେ ମଧ ବିଦ୍ୟୁତ୍ ସଂଯୋଗ ନଥିବାରୁ ବିଶୁଦ୍ଧ ପାନୀୟ ଜଳ ଲୋକ ପିଇପାରୁ ନାହାଁନ୍ତି । କେନ୍ଦ୍ର ପରିସରରେ ଠିକ ଭାବରେ ପରିଷ୍କାର ରହୁନାହିଁ । ଏହି କେନ୍ଦ୍ରରେ ଖାଦ୍ୟ ଗୁଡିକ ହାଇଜେନିକ ର ବ୍ୟବସ୍ଥା ଭାବି ଲୋକେ ଖାଇବାକୁ ଆସୁଥିବା ବେଳେ ବିଭିନ୍ନ ତୃଟି ଯୋଗୁଁ ଲୋକେ ଭଲ ଖାଦ୍ୟରୁ ବଂଚିତ ହେଉଛନ୍ତି । ଏ ବିଷୟରେ ବାରମ୍ବାର ଉଚ୍ଚ ପଦସ୍ଥ ବିଭାଗୀୟ ଅଧିକାରୀ ଙ୍କୁ ଜଣାଇଥିଲେ ମଧ ସେମାନେ ଏହାର କୌଣସି ପ୍ରତିକାର କରୁ ନଥିବାରୁ ଖାଇବାକୁ ଆସୁଥିବା ଲୋକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି । ତୁରନ୍ତ ଏହାକୁ ମରାମତି କରିବା ସହ ପାନୀୟଜଳ ଏବଂ ଥାଳି ଧୋଇବା ମେସିନ ସଜାଡିବା ସହିତ କେନ୍ଦ୍ର ଭିତରେ ବିଦ୍ୟୁତ୍ ସଂଯୋଗ କୁ ସଜାଡିବା ପାଇଁ ସାଧାରଣରେ ଦାବି ହେଉଛି ।

# ଜହର ପାଲଟିଲାଣି ମଙ୍ଗଳା ନଈ: ମରି ପଡ଼ିଛନ୍ତି ହଜାର ହଜାର ମାଛ



ପୁରୀ ,୧୭/୦୭ (ନି.ପ୍ର): ପ୍ରଦୂଷଣ ମୁହଁରେ ପ୍ରକୃତିର ସୃଷ୍ଟି ମଙ୍ଗଳା ନଦୀ । କଳା ଜହର ପାଲଟିଲାଣି ମଙ୍ଗଳା ନଦୀର କାଚକେନ୍ଦୁ ଭଳି ପାଣି । ଫଳସ୍ୱରୂପ ମଙ୍ଗଳା ନଦୀରେ ଥିବା ମାଛ ସହ ଅନ୍ୟାନ୍ୟ ଜଳଜୀବ ମୃତ୍ୟୁମୁଖରେ ପଡ଼ିଛନ୍ତି । କିଛିଦିନ ହେବ ହଜାର ହଜାର ସଂଖ୍ୟାରେ ମାଛ ମଙ୍ଗଳା ନଦୀ କୂଳର ଦୁଇପାର୍ଶ୍ୱରେ ମରି ପଡ଼ିଥିବା ଦେଖିବାକୁ ମିଳିଛି । ଏହି ମଲା ମାଛ ପଚିଯିବା ପରେ ଆଖପାଖ ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଛି । ମଙ୍ଗଳା ନଦୀରେ ମିଶୁଥିବା ନାଳର ପାଣି ସହ ପଚି ଯାଇଥିବା ମାଛର ଦୁର୍ଗନ୍ଧ ପରିବେଶକୁ ଏତେ ପ୍ରଦୂଷିତ କରୁଛି ଯେ ମଙ୍ଗଳ ନଦୀ କୂଳ ମାଡ଼ିବା କଷ୍ଟକର ହୋଇପଡ଼ିଛି । ଷ୍ଟର୍ଲିନ୍ ନିକଟ ବେଳାଭୂମି, ମଙ୍ଗଳ ମୁହାଣ ଆଦି ବୁଲୁଥିବା ପର୍ଯ୍ୟଟକମାନେ ଏଭଳି ପ୍ରତିକୂଳ ଓ ଦୁର୍ଗନ୍ଧମୟ ପରିବେଶ ଦେଖି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ମଙ୍ଗଳା ନଈର ଜଳରାଶି ଗୋଟିଏ ପାର୍ଶ୍ୱରେ ସମୁଦ୍ରରେ ମିଶିଥିବା ବେଳେ ଅନ୍ୟ ପାର୍ଶ୍ୱରେ ମୂଷା ନଈ ସହ ସଂଯୋଗ ହୋଇ ଭାର୍ଗବୀର ଶାଖା ନଈରେ ମିଶିଛି । ପ୍ରତିବର୍ଷ ପୁରୀ ସହର ଓ ତଳିଆ ଅଞ୍ଚଳରୁ ବର୍ଷା ତଥା ବନ୍ୟା ଜଳ ନିଷ୍କାସନରେ ଏହା ପ୍ରମୁଖ ଭୂମିକା ତୁଲାଇ ଆସୁଛି । ବନ୍ୟା ବିପ୍ୱାତ ସମୟରେ ଏହି ନଈରେ ମଙ୍ଗଳା ମୁହାଣ ଦେଇ ଅତିରିକ୍ତ ଜଳ ସମୁଦ୍ର ଭିତରକୁ ଚାଲି ଯାଉଛି । ଯେଉଁଥିପାଇଁ ପୁରୀ ପୌରପାଳିକା ସହ ତଳିଆ ଅଞ୍ଚଳବାସୀ ବନ୍ୟା ବିପ୍ୱାତରୁ ରକ୍ଷା ପାଇ ଆସୁଛନ୍ତି । କିନ୍ତୁ କିଛି ବର୍ଷ ହେବ ନାଳର ଆବର୍ଜନା ପାଣି ମଙ୍ଗଳା ନଈରେ ମିଶିବା ଫଳରେ ଏହାର ଜଳ ପ୍ରଦୂଷିତ ହେବାରେ ଲାଗିଛି । କେବଳ ପୌରପାଳିକାର ନାଳ ଏହା ସହ ସଂଯୋଗ ହୋଇନି, ଅନେକ ହୋଟେଲ, ଘର ମାଲିକ ବି ବେଆଇନ୍ ଭାବେ ନିଜ ନିଜ ଘରର ଆବର୍ଜନା ଏହି ମଙ୍ଗଳ ନଈକୁ ଛାଡୁଛନ୍ତି । ସେପଟେ ଆଖପାଖ ଦୋକାନୀ, ହୋଟେଲ, ଆପାର୍ଟମେଣ୍ଟମାନେ ଜରି, ପଲିଥିନ୍ ଆଦି ଆବର୍ଜନା ମଙ୍ଗଳା ନଈରେ ଫିଙ୍ଗୁଛନ୍ତି । ପରିଣାମ ସ୍ୱରୂପ ମଙ୍ଗଳା ନଈର ଜଳ ପ୍ରଦୂଷିତ ହେବା ସହ କାଚକେନ୍ଦୁ ପାଣି କ୍ରମେ କଳା ଜହର ପାଲଟି ବ୍ୟବହାର ଅଯୋଗ୍ୟ ହୋଇପଡ଼ିଲାଣି । ସେପଟେ ଏହି ନଈ ମୂଷା ଓ ଭାର୍ଗବୀ ସହ ମିଶିଥିବାରୁ ଏସବୁ ନଦୀ ବି ପ୍ରଦୂଷିତ ହେବା ଆଶଙ୍କା ଦେଖାଦେଇଛି । ଅନ୍ୟପଟେ ମଙ୍ଗଳା ନଈ ଜହର ହେବା ଫଳରେ ମାଛ ସହ ଅନ୍ୟ ଜଳଜୀବ ମରିପଡ଼ିବା ପରିବେଶ ବିଗିଡ଼ିବାର ଏକ ଅନୁକୂଳ ସନ୍ଦେଶ ଦେଉଛି । ଏହା ପ୍ରଥମ ଘଟଣା ନୁହେଁ, ଗତ କିଛି ମାସ ଭିତରେ ବାରମ୍ବାର ଏଭଳି ଘଟଣା ଘଟିଲାଣି । ହଜାର ହଜାର ସଂଖ୍ୟାରେ ମାଛ ମଙ୍ଗଳ ନଈ ଆରମ୍ଭରୁ ମୁହାଁଣ ପର୍ଯ୍ୟନ୍ତ ମରି ପଡୁଛନ୍ତି । କିନ୍ତୁ ପ୍ରଶାସନ ଓ ଜଳସେଚନ ବିଭାଗ ଏ ଦିଗରେ ନିରବଦ୍ରଷ୍ଟା ସାଜିବା ପରିବେଶବିତ୍‌ମାନଙ୍କ ମହଲରେ ଅସନ୍ତୋଷ ଭରି ଦେଇଛି ।

# ଡେଲିଭରି ବୟଙ୍କ ମୃତଦେହ ଉଦ୍ଧାର

କଟକ ,୧୭/୦୭ (ନି.ପ୍ର): ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ନିକଟରୁ ଜଣେ ଡେଲିଭରି ବୟଙ୍କ ମୃତଦେହ ଉଦ୍ଧାର କରାଯାଇଛି । ତାଙ୍କ ନାଁ ନିରାକାର ବେତାଳ । ସେ ସିଡିଏ ୭ ଅଞ୍ଚଳର ବାସିନ୍ଦା ଥିଲେ । ପୁଲିସ୍ ଘଟଣାସ୍ଥଳରୁ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ରାସ୍ତା କଡ଼ରେ ତାଙ୍କର ବାଇକ୍ ପଡ଼ିଥିଲା । ଖଣ୍ଡବିଖଣ୍ଡିତ ବାଇକ୍‌କୁ ଦେଖି ତାଙ୍କ ମୃତ୍ୟୁ ଦୁର୍ଘଟଣା ଜନିତ ବୋଲି ପୁଲିସ୍ ଅନୁମାନ କରୁଛି । ତେବେ ପୁଲିସ୍ ଘଟଣାର ତଦନ୍ତ କରୁଛି ।

ଘରେ ଖାଦ୍ୟ ପହଞ୍ଚାଇବା ପାଇଁ ଅନ୍‌ଲାଇନ୍‌ରେ ଅର୍ଡର ଗ୍ରହଣ କରୁଥିବା ଏକ କମ୍ପାନୀରେ ନିରାକାର ଡେଲିଭରି ବୟ ଭାବେ କାର୍ଯ୍ୟ କରୁଥିଲେ । ଗତକାଲି ରାତିରେ ନିରାକାର ଡେଲିଭରି ଦେବା ପାଇଁ ଯିବା ବେଳେ କିଛି ଘଟିଥିଲା ବୋଲି କୁହାଯାଉଛି । ଅନ୍ୟପକ୍ଷରେ ତାଙ୍କ ପରିବାର ଲୋକେ କ୍ଷତିପୂରଣ ଦାବି କରିଛନ୍ତି ।

# ମଟର ସାଇକେଲ ଆରୋହୀଙ୍କୁ ଗୋଡାଉଛନ୍ତି ବୁଲା କୁକୁର

କେନ୍ଦ୍ରାପଡା,୧୭/୦୭ (ନି.ପ୍ର): କେନ୍ଦ୍ରାପଡା ପୋରାଂଚଳ ଭିତରେ ବୁଲା କୁକୁରଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଯାହା ଫଳରେ ମଟର ସାଇକେଲ ଆରୋହୀଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ, ସ୍କୁଲ ଛାତ୍ରଛାତ୍ରୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଭିନ୍ନ ଛକ ମାନଙ୍କରେ ୩୦-୪୦ ବୁଲା କୁକୁର ଏକା ସାଙ୍ଗରେ ବୁଲୁଥିବା ବେଳେ କୌଣସି ମଟର ସାଇକେଲ ଆରୋହୀ ସେହିବାଟେ ଗଲାବେଳେ ଏହି କୁକୁର ମାନେ ତାଙ୍କୁ ଗୋଡାଉ ଥିବାରୁ ଭାରସାମ୍ୟ ହରାଇ ଭୟଭୀତ ହୋଇ ମଟର ସାଇକେଲ ଆରୋହୀ ମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏଥି ସହିତ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ମଧ ଏହି କୁକୁର ମାନେ କାମୁଡୁ ଥିବାର ଲକ୍ଷ୍ୟ କରାଯାଉଛି । ତୁରନ୍ତ ଏହି ବୁଲା କୁକୁରଙ୍କୁ ଧରି ଅନ୍ୟତ୍ର ଥଇଥାନ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ସମ୍ପତ୍ତି ପାଇଁ କକାଙ୍କୁ ହତ୍ୟା କଲା ପୁତୁରା

ଭବାନୀପାଟଣା ,୧୭/୦୭ (ନି.ପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ସମ୍ପତ୍ତି ପାଇଁ ଜଣେ ଯୁବକ ତାଙ୍କ କକାଙ୍କୁ ମାରି ଦେଇଥିବା ଅଭିଯୋଗ ହୋଇଛି । ପୁଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିଛି । ମୃତ ବ୍ୟକ୍ତିଙ୍କ ନାଁ ଭୂଷଣ ପ୍ରସାଦ କଶ୍ୟପ । ତାଙ୍କ ପୁତୁରା ତଥା ଅଭିଯୁକ୍ତଙ୍କ ନାଁ ଦୌଲତ କଶ୍ୟପ । ଗତ ୧୨ ତାରିଖରୁ ଭୂଷଣ ପ୍ରସାଦ କଶ୍ୟପ ନିଖୋଜ ଥିଲେ । ଗତକାଲି ତାଙ୍କ ମୃତଦେହ ମଶାଣିମୁଣ୍ଡା ମଦଭାଟି ନିକଟରୁ ଉଦ୍ଧାର ହୋଇଥିଲା । ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ କରିଥିଲା । ତଦନ୍ତ ବେଳେ ସମ୍ପତ୍ତିକୁ ନେଇ ଭୂଷଣ ପ୍ରସାଦକୁ ହତ୍ୟା କରାଯାଇଥିବା କେସିଙ୍ଗା ପୁଲିସ୍ ଜାଣିବାକୁ ପାଇଛି । ଅଭିଯୋଗ ପାଇବା ପରେ ପୁଲିସ୍ ଦୌଲତଙ୍କ ସହିତ ତାଙ୍କ ବାପା ଓ ଭାଇଙ୍କୁ ଉଠାଇ ନେଇ ପଚରାଉଚରା କରିଥିଲା । ପଚରାଉଚରା ବେଳେ ଦୌଲତ ଦୋଷ ସ୍ୱୀକାର କରିଥିଲେ । ପୁଲିସ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୧୨ ତାରିଖ ରାତିରେ ଭୂଷଣ କଶ୍ୟପ ମଦ ପିଇଥିଲେ । ସେ ମଶାଣିମୁଣ୍ଡା ମଦଭାଟି ଅଞ୍ଚଳରେ ଥିବାବେଳେ ପୁତୁରା ଦୌଲତ କଶ୍ୟପଙ୍କ ସହିତ ତାଙ୍କର ହଠାତ୍ ଦେଖା ହୋଇଥିଲା । ସେଠାରେ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ପରେ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଧସ୍ତାଧସ୍ତି ବେଳେ ଭୂଷଣ ପାଖରେ ଥିବା ଏକ ନାଳରେ ପଡ଼ି ଯାଇଥିଲେ । ଏହା ପରେ ଦୌଲତ ଇଟାରେ ତାଙ୍କ ମୁହଁଙ୍କୁ ଛେଚି ଦେଇଥିଲେ । ଫଳରେ ଭୂଷଣଙ୍କର ସେଠାରେ ମୃତ୍ୟୁ ହୋଇଯାଇଥିଲା ।

# ଖଣି ଗିଳିଦେଲା ୪ ହଜାର ହେକ୍ଟର ଚାଷ ଜମି



ରାଉରକେଲା: ଖଣିଜ ସମ୍ପଦ ପରିପୂର୍ଣ୍ଣ ସୁନ୍ଦରଗଡ଼ ଜିଲ୍ଲା ରାଜ୍ୟ ରାଜକୋଷକୁ ସବଳ କରିଚାଲିଛି । ନିୟମିତ ବ୍ୟବଧାନରେ ଖଣି ସଂପ୍ରସାରଣ ସହ ଖନନ ପରିବ୍ୟାପ୍ତ ହେଉଛି । ତେବେ ଏହାର ଦୁଃପରିମାଣ ଭୋଗୁଛନ୍ତି ଗରିବ ଚାଷୀକୂଳ । ଜିଲ୍ଲାର ଚାଷୀ ନିଜର ଏକମାତ୍ର ସଂସାଧନ, ଅର୍ଥାତ୍ ଚାଷଜମି ହରାଇବାରେ ଲାଗିଛନ୍ତି । କେବଳ ଖଣି ସ୍ଥାପନ, ସଂପ୍ରସାରଣ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରାଯାଉଥିବାରୁ ଗତ ବର୍ଷକ ଭିତରେ ସୁନ୍ଦରଗଡ଼ ଜିଲ୍ଲା ୪ ହଜାର ହେକ୍ଟର ଚାଷ ଜମି ହରାଇଛି । ଏହି ପରିମାଣ ନିଶ୍ଚିତଭାବରେ ଉଦ୍ରେକ ଜାତ କରେ ।

ଜିଲ୍ଲାରେ ଥିବା ମୋଟ୍ ଚାଷ ଜମିର ପରିମାଣ ହେଉଛି ୩ ଲକ୍ଷ ୧୩ ହଜାର ହେକ୍ଟର । ଚଳିତବର୍ଷ ଖରିଫ୍ ଋତୁରେ ମୋଟ୍ ୩ ଲକ୍ଷ ୯ ହଜାର ହେକ୍ଟର ଜମିରେ ଧାନ, ପନିପରିବା, ତୈଳବିଜ ଆଦି ଚାଷ କରିବାକୁ ଜିଲ୍ଲା କୃଷି ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଅର୍ଥାତ୍, ଗତ ବର୍ଷ ତୁଳନାରେ ଏଥର ୪ ହଜାର ହେକ୍ଟର କମ୍ ଜମିରେ ଚାଷ କରାଯିବ । ଚାଷ ଜମି ହରାଇଥିବା ବ୍ଲକ ଗୁଡ଼ିକ ହେଲା, ହେମଗିର, ସୁନ୍ଦରଗଡ଼ ସଦର ଓ ଗୁରୁଣ୍ଡିଆ । ଗତ ବର୍ଷକ ଭିତରେ ଖଣି ଖାଦାନ ପାଇଁ ହେମଗିର ବ୍ଲକରୁ ସର୍ବାଧିକ ୨୬୦୦ ଶହ ହେକ୍ଟର ଚାଷ ଜମି ଅଧିଗ୍ରହଣ କରାଯାଇଥିବାବେଳେ ସୁନ୍ଦରଗଡ଼ ସଦର ବ୍ଲକରୁ ୧୩୦୦ ହେକ୍ଟର ଓ ଗୁରୁଣ୍ଡିଆ ବ୍ଲକରୁ ୧୦୦ ହେକ୍ଟର ଅଧିଗ୍ରହଣ କରାଯାଇଛି । ଶତ ପ୍ରତିଶତ ଚାଷ ଉପରେ ନିର୍ଭରଶୀଳ ଜନସାଧାରଣଙ୍କ ଚାଷଜମିକୁ ଖଣି ପାଇଁ ଅଧିଗ୍ରହଣ କରାଯାଉଥିଲେ ମଧ ଆଶାନୁରୂପକ କ୍ଷତିପୂରଣ ଦିଆଯାଉନି; ଅପରପକ୍ଷରେ ଜମି ହରାଉଥିବାରୁ ଏମାନେ ସର୍ବସ୍ୱାନ୍ତ ହେଉଛନ୍ତି । ମୋଟ୍ ଚାଷ ଜମି କମିଥିବାରୁ ଧାନ ଚାଷ ଅପେକ୍ଷାକୃତ ହ୍ରାସ ପାଇବା ସ୍ୱାଭାବିକ୍ । ପୂର୍ବବର୍ଷ ଗୁଡ଼ିକରେ ଜିଲ୍ଲାରେ ମୋଟ୍ ୨ଲକ୍ଷ ୯ ହଜାର ହେକ୍ଟର ଜମିରେ କେବଳ ଧାନ ଚାଷ କରାଯାଉଥିଲା । ଚଳିତବର୍ଷ କିନ୍ତୁ ଏଥିରେ ୫ ହଜାର ହେକ୍ଟର ହ୍ରାସ ପାଇଛି; ଅର୍ଥାତ୍ ଏଥର ମୋଟ୍ ୨ ଲକ୍ଷ ୪ ହଜାର ହେକ୍ଟର ଜମିରେ ହିଁ ଧାନ ଚାଷ କରାଯିବ । ତେବେ ସାମଗ୍ରିକଭାବେ ଅନ୍ୟାନ୍ୟ ଚାଷ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି । ପୂର୍ବରୁ ଜିଲ୍ଲାରେ ୮୭ ହଜାର ହେକ୍ଟର ଜମିରେ ଏ ଜାତୀୟ ଚାଷ ହେଉଥିବାବେଳେ ଚଳିତବର୍ଷ ମୋଟ୍ ୧ ଲକ୍ଷ ୫ ହଜାର ହେକ୍ଟର ଜମିରେ ଚାଷ କରାଯିବ । ଉଲ୍ଲେଖଯୋଗ୍ୟ, ଗତ ୨୦୨୧ ମସିହାରେ ଜିଲ୍ଲାରେ ୧ ଲକ୍ଷ ୮ ହଜାର ୯୧୩ ହେକ୍ଟର (୧୦୪.୭୨%) ଏବଂ ୨୦୨୦ ମସିହାରେ ୧ ଲକ୍ଷ ୧୪ ହଜାର ୭୯୨ ହେକ୍ଟର(୧୧୦.୨୭%) ଜମିରେ ଧାନ ବ୍ୟତିତ ଅନ୍ୟାନ୍ୟ ଚାଷ କରାଯାଇଥିଲା । ଇତିମଧ୍ୟରେ ଚଳିତ ଖରିଫ ଚାଷ ପାଇଁ କୃଷି ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିସାରିଛି । ଏଥର ବିଭିନ୍ନ ଚାଷ, ଯଥା-ଜୋୱାର (୮ଶହ ହେକ୍ଟର), ତୈଳ ଜାତ(୧୬,୯୦୦ ହେକ୍ଟର), ପନିପରିବା (୨୫,୦୭୦) ଆଦି ଚାଷ କମିଛି । ପୂର୍ବ ବର୍ଷଗୁଡ଼ିକରେ ଅଧିକ ପରିମାଣ ଜମିରେ ଏ ଧରଣର ଫସଲ କରାଯାଉଥିଲା । ତେବେ, ଅନ୍ୟାନ୍ୟ ଚାଷ, ଯଥା- ମକା(୮୨୦୦ ହେକ୍ଟର), ମିଲେଟ୍ (୧୭୦୩୦ ହେକ୍ଟର), ଚଣା ଜାତୀୟ(୩୯,୪୦୦ ହେକ୍ଟର), ମସଲା ଜାତୀୟ (୫୮୦୦) ଚାଷ ବଢ଼ିଛି ।

# ସ୍ମାର୍ଟ ସ୍କୁଲ ସାମ୍ନାରେ କୁଢ଼ କୁଢ଼ ଆବର୍ଜନା: ଗନ୍ଧରେ ଫାଟୁଛି ନାକ

ବାଲିଗୁଡ଼ା ,୧୭/୦୭ (ନି.ପ୍ର): ସ୍ମାର୍ଟ ସ୍କୁଲ୍ ସାମ୍ନାରେ ଡମ୍ପିଂୟାର୍ଡ । ଗଦା ହୋଇଛି କୁଢ଼ କୁଢ଼ ଆବର୍ଜନା । କନ୍ଧମାଳ ଜିଲ୍ଲା ରାଇକିଆ ବିଜୟ ହାଇସ୍କୁଲ ଆଗରେ ଦେଖିବାକୁ ମିଳିଛି ଏଭଳି ଚିତ୍ର, ଯାହା ସରକାରଙ୍କ ସ୍କୁଲ ରୂପାନ୍ତରିକରଣ ମିଶନକୁ ଲୋକ ଦେଖାଣିଆ ବୋଲି ପୁଣି ପ୍ରମାଣିତ କରିଛି । ସ୍କୁଲଟି ଖୁବ୍ ପୁରୁଣା । ଏଠାରେ ଷଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ପ୍ରାୟ ୪୦୦ ପିଲା ପଢୁଛନ୍ତି । ସ୍ମାର୍ଟ ସ୍କୁଲ ଯୋଜନାରେ ଏହି ସ୍କୁଲକୁ ସ୍ୱଚ୍ଛ ଓ ସୁନ୍ଦର କରିବା ନିମନ୍ତେ ଖର୍ଚ୍ଚ ହୋଇଛି ୪୫ ଲକ୍ଷ ଟଙ୍କା । ସ୍କୁଲ ଭିତର ପରିବେଶ ଚକଚକ କରୁଛି । ସ୍ୱତନ୍ତ୍ର ଚଲାପଥ ସାଙ୍ଗକୁ ଉଦ୍ୟାନ, ବସିବା ନିମନ୍ତେ ଚେୟାର, ଷ୍ଟେନଲେସ୍ ଷ୍ଟିଲ୍ ଗେଟ୍ ଓ ଶ୍ରେଣୀଗୃହ ଗୁଡ଼ିକର ଉନ୍ନତିକରଣ କରାଯାଇଛି । କିନ୍ତୁ ସ୍କୁଲର ଭିତର ପରିବେଶ ଚିକ୍କଣ ହୋଇଥିବା ବେଳେ ବାହାରଟି ବେଶ୍ ଅପରିଷ୍କାର ।

ସ୍କୁଲ ସମ୍ମୁଖରେ ଅର୍ଥାତ୍ ମୁଖ୍ୟ ଫାଟକ ପାଖରେ ଗଦା ହୋଇଛି କୁଢ଼ କୁଢ଼ ଆବର୍ଜନା । ଆବର୍ଜନା ଗଦା ହେଉଥିବାରୁ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ସବୁଦିନ ସେଠାରେ ବିଭିନ୍ନ ପ୍ରକାରର ଓଦା ଓ ଶୁଖିଲା ଆବର୍ଜନା ପଡୁଥିବାରୁ ଜାଗାଟି ସନ୍ତସନ୍ତିଆ ହୋଇ ରହୁଛି ଓ ଦୁର୍ଗନ୍ଧ ବାହାରୁଛି । ତା'ସହିତ ମଶା ଓ ମାଛି ହେଉଛନ୍ତି । ଏହି ମଶା,ମାଛି ସ୍କୁଲ୍ ପିଲାଙ୍କ ପାଇଁ ବିପଦ ହୋଇପାରନ୍ତି ।

ଅଭିଯୋଗ ଅନୁଯାୟୀ, ସ୍କୁଲ୍ ସାମ୍ନାରେ ସ୍ଥାନୀୟ ଦୋକାନୀମାନେ ଏହି ସବୁ ଆବର୍ଜନା ପକାନ୍ତି । ସ୍କୁଲ କର୍ତ୍ତୃପକ୍ଷ ଯେତେ ମନା କଲେ ବି ସେମାନେ ମାନୁ ନାହାନ୍ତି ।

ପ୍ରଧାନଶିକ୍ଷକ ନୀଳମଣି ମଣ୍ଡଳ କହିଛନ୍ତି, ସ୍ଥାନୀୟ ବଜାରର ଦୋକାନୀଙ୍କୁ ସ୍କୁଲ ଆଗରେ ଆବର୍ଜନା ନ ପକାଇବାକୁ ପୁଣି ନିବେଦନ କରାଯିବ ।

ସ୍କୁଲ ଆଗରେ ଏତେ ଅଳିଆ ଆବର୍ଜନା ଗଦା ହୋଇ ରହୁଥିବା ବେଳେ ସ୍କୁଲ୍ ପରିଚାଳନା କମିଟି ଓ ସ୍ଥାନୀୟ ପ୍ରଶାସନ କାହିଁକି ଚୁପ୍ ବସିଛନ୍ତି ବୋଲି ପ୍ରଶ୍ନ ଉଠିଛି ।

# ରାଜପଥରେ ଭାରିଯାନ କଟକଣା କାଗଜ କଲମରେ ସୀମିତ

ଝାରସୁଗୁଡ଼ା,୧୭/୦୭ (ନି.ପ୍ର): ଟ୍ରାଫିକର ନୂଆଁ ନିୟମ ଲାଗୁହେଲା ପରେ ସାରା ଦେଶରେ ଗାଡ଼ି ଚାଳକ ମାନଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା । ବେପରୁଆ ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ି ଚାଳନା ସହିତ ଟ୍ରାଫିକ ନିୟମ ଭାଙ୍ଗୁଥିବା ଲୋକଙ୍କ ବିରୁଦ୍ଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ଉଦ୍ଦେଶ୍ୟରେ ପ୍ରଣୟନ କରାଯାଇଥିବା ଏହି ନିୟମ ଦୁର୍ଘଟଣା ଏଡ଼ାଇବାରେ ଯେତିକି ସହାୟକ ହେବ ବୋଲି କୁହାଯାଉଥିଲା ତାହା ହେଲାନାହିଁ । ଏହି ଆଇନକୁ ଅନୁପାଳନ କରାଯିବା ପାଇଁ ଉଦ୍ୟମ ହେଉନଥିବା ବେଳେ ଏହାକୁ କଡ଼ାକଡ଼ି ତଦାରଖ ପାଇଁ ସରକାରୀ ଅଧିକାରୀ ମାନେ ସେତେଟା ଧ୍ୟାନ ଦେଉନଥିବା ମଧ ଅଭିଯୋଗ ହେଉଛି । ଏହି ଆଇନ ପରେ ଝାରସୁଗୁଡ଼ା ଜିଲ୍ଲାରେ ଦୁର୍ଘଟଣା ହ୍ରାସରେ ମଧ କୌଣସି ପରିବର୍ତ୍ତନ ହୋଇନଥିବା ଜଣାଯାଇଛି । ଆଇନ ତଦାରଖ କରୁଥିବା ପୁଲିସ ଓ ପରିବହନ ବିଭାଗ କେବଳ ବାଇକ ବାଲାଙ୍କ ମୁଣ୍ଡ ଉପରେ ହେଲମେଟ ଅଛି ନା ନାହିଁ ତାକୁ ଯାଞ୍ଚ କରି ଫାଇନ କାଟୁଥିବା ଦେଖାଯାଇ ଆସୁଛି । ରାଜ୍ୟ ସ୍ତରୀୟ ପଦସ୍ଥ ଅଧିକାରୀ ମାନେ ଏହି ନିୟମ ଫାଇନ୍ ନୁହେଁ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ କରାଯାଇଛି ବୋଲି କହିଥିଲେ ମଧ ପୁଲିସ, ପରିବହନ ଅଧିକାରୀ ଓ ତାଙ୍କ କର୍ମଚାରୀ ମାନେ ଫାଇନ ଆଦାୟକୁହିଁ ବେଶୀ ଗୁରୁତ୍ୱ ଦେଇ ଆସୁଛନ୍ତି । ଲୋକଙ୍କ ଠାରୁ କିଭଳି ଜରିମାନା ଆଦାୟ କରିବେ ସେ ନେଇ ଏହି ଅଧୀକାରୀ ମାନେ କେବଳ ଯୋଜନା ପ୍ରସ୍ତୁତ କରୁଛନ୍ତି । ଜିଲ୍ଲାର ଅନେକ ଥାନା ଜନସାଧାରଣଙ୍କ ସୁରକ୍ଷା କରିବା ପରିବର୍ତ୍ତେ ଗାଡ଼ି ଯାଞ୍ଚ କରିବାକୁ ବେଶୀ ଆଗଭର ହୋଇ ପଡ଼ିଛନ୍ତି । ଶିଳ୍ପ କାରଖାନା ଓ କୋଇଲା ଖଣିରେ ଭର୍ତ୍ତି ହୋଇଥିବା ଝାରସୁଗୁଡ଼ା, ବ୍ରଜରାଜନଗର, ବେଲପାହାଡ଼, ଲଖନପୁର, ରେଙ୍ଗାଲି, କୋଲାବିରା ପ୍ରଭୃତି ଥାନା ଗୁଡ଼ିକ ଅଧିନରେ ହଜାର ହଜାର ଟ୍ରକ ନିୟମ ଭାଙ୍ଗି ଚଳାଚଳ କରୁଥିବା ବେଳେ ଏହି ଟ୍ରକ ମାନଙ୍କୁ ଜବତ କରିବା ନିମନ୍ତେ ପୁଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବାରମ୍ବାର ଏକାଧିକ ଥର ବେ ?ଠକ ବସି ବିଭିନ୍ନ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲେ ମଧ ଏହା କାର୍ଯ୍ୟକାରୀ କରାଯାଇ ପାରିନାହିଁ । ଗତ ୫ ବର୍ଷ ମଧ୍ୟରେ ରାଜପଥ ପାର୍କିଂ ଉପରେ କଟକଣା କରାଯିବାକୁ ଜିଲ୍ଲା ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏକାଧିକ ଥର ବିଜ୍ଞପ୍ତି ପ୍ରକାଶ ପାଇଛି । ମାତ୍ର ରାଜପଥ ପାର୍କିଂ ସମସ୍ୟା ଯେମିତିକୁ ସେମିତି ରହିଛି । ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ପ୍ରତିଦିନ କୌଣସି ନା କୌଣସି ସ୍ଥାନରେ ଟ୍ରକ ଦୁର୍ଘଟଣାରେ ବହୁ ଲୋକଙ୍କ ଅକାଳ ବିୟୋଗ ଘଟୁଛି । ଜାତୀୟ ଓ ରାଜ୍ୟ ରାଜପଥ କଡ଼ରେ ଟ୍ରକ ପାର୍କିଂ ସମସ୍ୟା ଆଜି ପର୍ଯ୍ୟନ୍ତ ସାମାଧାନ ହୋଇ ପାରିନାହିଁ । ଗତ ଜୁଲାଇ ୫ ତାରିଖ ଠାରୁ ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପରିବହନ ବିଭାଗ ପୁଣି ରାସ୍ତାକଡ଼ ପାର୍କିଂ ଉପରେ କଟକଣା ଜାରି କରି କିଛି ହାତଗଣତି ଗାଡ଼ିକୁ ଚଲାନ କାଟି ନିରବ ରହି ଯାଇଛି । ରାଜପଥ ପାର୍କିଂ, ରାସ୍ତା କଡ଼ ଅବରୋଧ ଦୁର୍ଘଟଣାର ମୁଖ୍ୟ କାରଣ ହୋଇଥିବା ବେଳେ ହଜାର ହଜାର ଟ୍ରକ ବିନା ପରମିଟ୍, ବିନା ଫିଟ୍‌ନେସ ଓ ଜରୁରୀ ପ୍ରମାଣ ପତ୍ର ବିନା ଚଳାଚଳ କରୁଥିବା ସଂପର୍କରେ ଖୋଦ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ମାନେ ଅବଗତ ଥିଲେ ସୁଦ୍ଧା ଏମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ବହୁ ଦିନରୁ ହୋଇ ଆସୁଛି ।

କୋଇଲା, ପାଉଁଶ, ବାଲି, ଗୋଡ଼ି ଓ ଅନ୍ୟାନ୍ୟ ଗୁଣ୍ଡ ଦ୍ରବ୍ୟ ପରିବହନ କରୁଥିବା ଟ୍ରକ ଗୁଡ଼ିକ ତାଙ୍କ ଡ଼ାଲାରେ ତାରପୋଲିନ ଢ଼ାଙ୍କିବା ନିୟମକୁ ଖୋଲାଖୋଲି ଉଲଙ୍ଘନ କରୁଥିବା ଦେଖା ଯାଉଛି । ଟ୍ରକର ପଛ ଲାଇଟ ଜଳିବା ପାଇଁ କଡ଼ା ନିୟମ ରହିଛି ମାତ୍ର କୌଣସି କୋଇଲା ଟ୍ରକର ପଛ ଲାଇଟ ଜଳୁନଥିବା ଦେଖା ଯାଉଛି ।

# ପଣସପଦା ସ୍ୱାସ୍ଥ୍ୟକେନ୍ଦ୍ର: ଛତା ତଳେ ସ୍ୱାସ୍ଥ୍ୟସେବା


ପୁରୀ ,୧୭/୦୭ (ନି.ପ୍ର): ଛତା ତଳେ ଚାଲିଛି ରୋଗୀ ଚିକିତ୍ସା । ସ୍ୱାସ୍ଥ୍ୟକେନ୍ଦ୍ରରେ ବି ଦେଖିବାକୁ ମିଳିଛି ଏଭଳି ଦୂରାବସ୍ଥା । ଶନିବାର ସକାଳୁ ଲଗାଣ ବର୍ଷା ଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଣି ଭାସୁଥିବା ଦେଖିବାକୁ ମିଳିଛି । ମେଡିକାଲ୍ ଛାତରୁ ପାଣି ଗଳୁଥିବାରୁ ଡାକ୍ତର ନିଜେ ଛତା ତଳେ ରୋଗୀଙ୍କୁ ସେବା ଦେଉଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ର ଛାତ ତଳେ ରୋଗୀଙ୍କୁ ଛତା ଧରି ଚିକିତ୍ସା ପାଇଁ ଅପେକ୍ଷା କରିବାକୁ ପଡୁଛି । କାନ୍ଥ ଓ ଛାତ ଫାଟି ଆଁ କରିଛି । ତଥାପି ସେଇ ଅସୁରକ୍ଷିତ କୋଠା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ସେବାର ଏକମାତ୍ର ବିକଳ୍ପ କେନ୍ଦ୍ର ପାଲଟିଛି । କୌଣସି ଉପାନ୍ତ ଅଞ୍ଚଳ ନୁହେଁ, ବରଂ ପୁରୀ ପଣସପଦା ପିଏଚ୍‌ସିରେ ଦେଖିବାକୁ ମିଳିଛି ସ୍ୱାସ୍ଥ୍ୟ ବ୍ୟବସ୍ଥାର ଏଭଳି ଏକ ଦୟନୀୟ ଚିତ୍ର । ମାସେ କି ବର୍ଷେ ନୁହେଁ, ବର୍ଷ ବର୍ଷ ହେଲା ବର୍ଷା ଦିନେ ରୋଗୀ ସେବା ବ୍ୟାହତ ହେଉଥିଲେ ବି ସ୍ୱାସ୍ଥ୍ୟ ବିଭାଗ ଯେମିତି ଆଖି ବୁଜି ଦେଇଛି । ବିଡ଼ମ୍ବନା ଏହି ଯେ ସେଇ ପରିସରରେ ସ୍ୱାସ୍ଥ୍ୟକେନ୍ଦ୍ରର ଆଉ ଏକ ନୂତନ କୋଠା ନିର୍ମାଣ ହୋଇଛି, କିନ୍ତୁ କୋଠାକୁ ବିଦ୍ୟୁତ ସଂଯୋଗ କି ପାଣି ସଂଯୋଗ ଦିଆଯାଉନାହିଁ । ଫଳରେ ଆଜିଯାଏ ସେଇ ଅସୁରକ୍ଷିତ କୋଠାରେ ଚିକିତ୍ସା ସେବା ଚାଲୁଛି । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି) ପରିସରରେ ପ୍ରାଥମିକ ଚିକିତ୍ସା ସମେତ ଦୁଇଟି ଶଯ୍ୟା ଉପଲବ୍ଧ ରହିଛି । ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ର କକ୍ଷରେ ଛାତ ଫାଟି ବର୍ଷା ପାଣି ବେଡ୍‌ରେ ପଡୁଥିବାରୁ ଏହାକୁ ବାହାରକୁ ଆଣି ରୋଗୀଙ୍କୁ ସାଲାଇନ୍ ଦିଆଯାଉଛି । ୧୯୮୫ ମସିହା ମେ ମାସ ୪ ତାରିଖରେ ଏଠାରେ ପିଏଚ୍‌ସି ଆରମ୍ଭ ହୋଇଥିଲେ ହେଁ ଏଯାଏଁ ଏହାକୁ ମରାମତି କରିବା ପାଇଁ ମଧ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆନ୍ତରିକତା ପ୍ରକାଶ ପାଇନାହିଁ । ସ୍ୱାସ୍ଥ୍ୟକେନ୍ଦ୍ରର ଏଭଳି ଦୂରାବସ୍ଥା ବାବଦରେ ମେଡିକାଲ୍ ଅଫିସର ଡାକ୍ତର ରାଜୀବ ଲୋଚନ ପ୍ରତିହାରୀ ଡିପିଏମ୍‌ଙ୍କୁ ଅବଗତ କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମେଡିକାଲ୍‌ର ଏଭଳି ଦୂରାବସ୍ଥା ଯୋଗୁ ନୂଆ ବିଲ୍‌ଡିଂ ନିର୍ମାଣ ହୋଇ ଗତ ମାର୍ଚ୍ଚ ମାସ ସୁଦ୍ଧା ପିଏଚ୍‌ସିକୁ ହସ୍ତାନ୍ତର କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ଆଜି ଯାଏ ନୂତନ କୋଠାକୁ ବିଦ୍ୟୁତ ଓ ପାଣି ସଂଯୋଗ କରାଯାଇ ପାରିନାହିଁ ।

# ବନ୍ୟାରେ ଭାସୁଥିବା କାଠ ଆଣିବାକୁ ଉଦ୍ୟମ କରୁଥିଲେ ଯୁବକ: ଭସାଇ ନେଲା ପାଣି




ସଇଁତଲା,୧୭/୦୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ସଇଁତଲା ଥାନା ଅନ୍ତର୍ଗତ ବୁଡାବାହାଲ ପଞ୍ଚାୟତ ଧୁମପାଲି ଗ୍ରାମର ଜଣେ ଯୁବକ ପାଣିରେ ବୁଡି ମୃତ୍ୟୁ ହୋଇଛି । ମୃତକ ହେଲେ ମନୋଜ ନାଗ (୨୪) । ପୁଲିସ ସୂଚନା ମତେ ଧୁମପାଲି ଗ୍ରାମର ଭୀମସେନ ନାଗଙ୍କ ପୁଅ ମନୋଜ ନାଗ ଆଜି ସକାଳୁ ପାଇକ ସମରା ଗ୍ରାମ ନିକଟରେ ଥିବା ଖର୍ଲିଜୋର ବ୍ରିଜକୁ ଶୌଚ ହେବାକୁ ଯାଇଥିଲେ । ଗତକାଲି ରାତିରେ ପ୍ରବଳ ବର୍ଷା ଯୋଗୁଁ ଉକ୍ତ ବ୍ରିଜ ଉପରେ ପାଣି ଆସୁଥିବାବେଳେ କାଠ ମଧ ଭାସିଆସୁଥିଲା । ସେ ପୋଲ ଉପରେ ଭାସୁଥିବା କାଠ ଆଣିବାକୁ ଉଦ୍ୟମ କରୁଥିଲେ । ଏହି ସମୟରେ ମନୋଜଙ୍କୁ ପାଣିର ସ୍ରୋତ ଭସାଇ ନେଇଥିଲା । ଖବର ପାଇ ସଇଁତଲା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମନୋଜଙ୍କୁ ଉଦ୍ଧାର କରି ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । କିନ୍ତୁ ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସଇଁତଲା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ ପଠାଇଛି ।

# ପୋଷା ପ୍ରାଣୀ ଦ୍ୱାରା ହେଉଥିବା ରୋଗ





କୁକୁର, ବିଲେଇ ଭଳି ପ୍ରାଣୀ ପୋଷିବାକୁ ଅନେକ ଭଲପାଆନ୍ତି। ଏମିତି ବି ଅନେକ ଅଛନ୍ତି, ଯେଉଁମାନେ ପଶୁ ପାଳନ୍ତି, ଅଥଚ ଭଲ ଭାବେ ଯତ୍ନ ନିଅନ୍ତି ନାହିଁ। ପୋଷା ଜନ୍ତୁ ରୁଗ୍ଣ ହେଲେ , ତାହା ଦ୍ୱାରା ମଣିଷ ମଧ୍ୟ ଆକ୍ରାନ୍ତ ହୋଇପାରେ। ପୋଷା ପ୍ରାଣୀଙ୍କ ମାଧ୍ୟମରେ ହେବାର ଆଶଙ୍କା ଥିବା ପାଞ୍ଚଟି ରୋଗ ବାବଦରେ ଜାଣନ୍ତୁ।

**ସାଲମୋନେଲା:** ଏହି ଜୀବାଣୁ ପ୍ରାଣୀଙ୍କ ମାଧ୍ୟମରେ ମଣିଷକୁ ଆକ୍ରାନ୍ତ କରିପାରେ। ପ୍ରାରୀ ସାଲମୋନେଲା ଦ୍ୱାରା ଆକ୍ରାନ୍ତ ହେଲେ ବି ସୁସ୍ଥ ରହେ, ରୋଗର ଲକ୍ଷଣ ହଠାତ୍ ପ୍ରକାଶ ପାଏନାହିଁ। ତା'ର ଲୋମ ମାଧ୍ୟମରେ ଜୀବାଣୁ ମଣିଷ ଦେହକୁ ଯାଏ। ତେଣୁ, ପୋଷା ଜନ୍ତୁ ସଂସ୍ପର୍ଶରେ ଆସିବା ପରେ ସର୍ବଦା ସାବୁନରେ ହାତ ଧୁଅନ୍ତୁ।



**ରିଙ୍ଗୱର୍ମ:** ଏହା ଏକ ପ୍ରକାରର କବକ ବା ଫଙ୍ଗସ୍। ପୋଷା ପ୍ରାଣୀ ଏହାଦ୍ୱାରା ଆକ୍ରାନ୍ତ ଥିଲେ ଏବଂ ଚିକିତ୍ସା କରା ନଗଲେ, ଏହା ମଣିଷ ଶରୀରକୁ ଯାଇପାରେ। ଏହା ପ୍ରଭାବରେ ଚର୍ମରେ ନାଲି ରଙ୍ଗର ମୁଦି ଭଳି ଦାଗ ହୁଏ। ଠିକ ସମୟରେ ଚିକିତ୍ସା କରାନଗଲେ ପ୍ରବଳ କଣ୍ଡୁହୁଏ। ଘାଆ ବି ହୋଇପାରେ।



**ବିଲେଇ ଆଞ୍ଚୁଡ଼ା ରୋଗ;** ବିଲେଇ ଆଞ୍ଚୁଡ଼ିଲେ ବେଳେବେଳେ ମାରାତ୍ମକ ରୋଗ ହୋଇପାରେ। ଏହାର ଲକ୍ଷଣସବୁ ସାଧାରଣ ଥଣ୍ଡା ସହ ସମାନ। ତେବେ, ଥଣ୍ଡାଠାରୁ ଭୟଙ୍କର। ତେଣୁ ବିଲେଇ ଆଞ୍ଚୁଡ଼ିଲେ ସଙ୍ଗେ ସଙ୍ଗେ ସାବୁନ ଲଗାଇ, ଉଷୁମ ପାଣିରେ ଧୁଅନ୍ତୁ ଏବଂ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।

**ଲାଇମ ଡିଜିଜ୍:** ପୋଷା ଜନ୍ତୁ ଲୋମରେ ହଉଥିବା ପରଜୀବୀ ପୋକ (ଟିକସ) ଦ୍ୱାରା ମଣିଷ ଲାଇମର ଶିକାର ହୋଇପାରେ। ଏହି ରୋଗହେଲେ ଜ୍ୱର ହୁଏ, ଆଣ୍ଠୁ-ଗଣ୍ଠିରେ ଯନ୍ତ୍ରଣା ହୁଏ।




**ଟକ ସୋପ୍ଲାଜମୋସିସ:** ବିଲେଇ ମାଧ୍ୟମରେ ଏହି ରୋଗ ମଣିଷକୁ ଆକ୍ରାନ୍ତ କରେ। ଗର୍ଭବତୀ ମହିଳା ଏହି ରୋଗର ଶିକାର ହେବା ବିପଜ୍ଜନକ।

# ଘରୋଇ ଉପାୟରେ ରକ୍ତଚାପର ଉପଚାର











- ଅଧିକ ପାଣି ପିଅନ୍ତୁ, ପରିସ୍ରା ଅଧିକ ହେବ। ପରିସ୍ରା ଅଧିକ ହେଲେ ରକ୍ତଚାପ ନିୟନ୍ତ୍ରିତ ରହିବ।
- ନିୟମିତ ଲେମ୍ବୁ ଖାଇଲେ ହାଇ ରକ୍ତଚାପ ମଧ୍ୟ ନିୟନ୍ତ୍ରିତ ରହେ। ଲେମ୍ବୁରେ ହାଇ ରକ୍ତଚାପ ମଧ୍ୟ ନିୟନ୍ତ୍ରିତ ରହେ। ଲେମ୍ବୁର ଏଭଳି ଗୁଣ ଯେ, ଏହା ରକ୍ତବାହୀ ନଳୀର କଠୋରତା ଦୂର କରିଦିଏ। ରକ୍ତବାହୀ ନଳୀ କୋମଳ ହୋଇଯିବା ଫଳରେ ରକ୍ତଚାପ ନିୟନ୍ତ୍ରଣ ରହେ।
- ସପ୍ତାହରେ ଦିନେ ଉପବାସ କରନ୍ତୁ। ଉପବାସ ସମୟରେ ଫଳ ଓ ପନିପରିବାର ଜୁସ୍ ସେବନ କରନ୍ତୁ।
- ଭୋଜନ ପରେ ପାଖୁଡ଼ାଏ କଞ୍ଚା ରସୁଣ ଚୋବାଇ ଦିଅନ୍ତୁ। ପାଣିରେ ୬ ବୁନ୍ଦା ରସୁଣ ରସ ମିଶାଇ ଦିନରେ ତିନି ଚାରିଥର ପିଇଲେ ମଧ୍ୟ ଲାଭ ମିଳିବ।
- ପ୍ରତିଦିନ ଅଁଳା ଖାଇଲେ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣରେ ରହିବ।


# ଅଫିସରେ ଶୋଇବା ଯେଉଁଠି ନିୟମ



ପାଠକମାନେ ଭାବୁଥିବେ ଆମ ଦେଶରେ ଲାଗୁ ହୁଅନ୍ତା କି ଏମିତି ନିୟମ ! ଏହି ନିୟମଟି ଲାଗୁ ହୋଇଛି ଜାପାନରେ । ଏବେ ନୁହେଁ, ଦୀର୍ଘ ବର୍ଷ ଧରି ଜାପାନରେ ଏହି ନିୟମ ଚଳି ଆସିଛି । କେବଳ ଅଫିସ ନୁହେଁ, ଘର ବାହାରେ ଯେଉଁଠି ଇଚ୍ଛା ସେଠି ଶୋଇପାରିବେ । କେହି ବିରକ୍ତ ହେବେ ନାହିଁ । ଏମିତି ଶୋଇବାର ନିୟମକୁ ଜାପାନରେ ଇନେମୁରି ବୋଲି କୁହାଯାଏ । ଏହା ଏକ ପ୍ରକାର କଳା । ଏହାର ଅର୍ଥ ଶୋଇଥିଲେ ବି ଉପସ୍ଥିତ ରହିବା । ଏହା ପଛରେ ବି କାରଣ ଅଛି । ଜାପାନର ଲୋକମାନେ ଏତେ କର୍ମଠ ଯେ ସେମାନେ ଦିନରେ ଅତି କମ ସମୟ ଶୋଇବାର ସୁଯୋଗ ପାଆନ୍ତି । ତେଣୁ ନିଦ ଲାଗିବା ସ୍ୱାଭାବିକ । ତେଣୁ ସେଠି ଯେଉଁଠି ବା ଯାହାକୁ ଦିନ ଲାଗିବ ସେ ଆରାମରେ ଶୋଇପାରିବ । ସେଥିରେ କୌଣସି ପ୍ରକାର ବାଧା ନିଷେଧ ନାହିଁ । ଏକ ଅଧ୍ୟୟନ ଅନୁସାରେ ଜାପାନର ଲୋକମାନେ ଦିନକୁ ୬ଘଣ୍ଟାରୁ ବି କମ୍ ଶୋଇବାର ସୁଯୋଗ ପାଆନ୍ତି । ତେଣୁ ଶରୀରକୁ ସୁସ୍ଥ ରଖିବା ପାଇଁ ଯେତେବେଳେ ନିଦ ଲାଗେ ସେତେବେଳେ ଅଳ୍ପ ସମୟ ପାଇଁ ଶୋଇପଡ଼ନ୍ତି ଜାପାନ ଲୋକମାନେ । କେବଳ ଅଫିସ ନୁହେଁ, ପାର୍କ, କଫି ସପ୍, ଲାଇବ୍ରେରୀ ଯେଉଁଠି ବି ଆଖି ପଡ଼ିବ କେହି ନା କେହି ଶୋଇଥିବାର ନଜର ଆସିବେ ।

## ହୃଦଘାତ ପାଇଁ ଟିକା

ବ୍ୟସ୍ତ ବହୁଳ ଜୀବନରେ ହୃଦଘାତ ହେଉଛି ପ୍ରମୁଖ ସମସ୍ୟା । ଏଥିରୁ ରକ୍ଷା ପାଇବା ପାଇଁ ବୈଜ୍ଞାନିକମାନେ ଏକ ନୂଆ ପ୍ରକାରର ଟିକା ଉଦ୍ଭାବନ କରିଛନ୍ତି । ଆସନ୍ତା କିଛି ବର୍ଷ ମଧରେ ଏହି ଟିକା ଉପଲବ୍ଧ





ହେବ । ରକ୍ତ ବାହିନୀରେ ଥିବା କୋଲେଷ୍ଟରଲ୍ ସ୍ତରକୁ ଏହା ନିୟନ୍ତ୍ରିତ କରିଥାଏ । ସ୍ୱିଡେନ୍‌ସ୍ଥିତ ଲୁଣ୍ଡ ବିଶ୍ୱ ବିଦ୍ୟାଳୟର ପ୍ରଫେସରଙ୍କ କହିବା ମୁତାବକ, ହୃଦଘାତରୁ ମୁକ୍ତି ପାଇବା ପାଇଁ ଲୋକେ ସ୍ଥାୟୀ ଓ ସରଳ ଉପାୟ ଖୋଜନ୍ତି । ସବୁଠୁ ଭଲ କଥା ହେଲା ଏହି ଟିକା ନେବା ସହ ହୃଦଘାତ ଭଲ ପାଇଁ ଅନ୍ୟାନ୍ୟ ଔଷଧ ମଧ ଖାଇ ହେବ । ଏହି ଟିକା ଉଦ୍ଭାବନ କରିଥିବା ବିଶେଷଜ୍ଞ ଦଳ ମତରେ, ସର୍ବ ପ୍ରଥମେ ଏହି ଟିକାକୁ ମୂଷା ଉପରେ ମଧ୍ୟୟନ କରାଯାଇଥିଲା । ଏଥିରୁ ଜଣା ପଡ଼ିଥିଲା ଯେ, ଏହି ଟିକା ଖୁବ୍ ସହଜରେ ଶରୀରରୁ ବ୍ୟାଡ୍ କୋଲେଷ୍ଟରଲ୍ ମାତ୍ରା ୬୦-୭୦ ପ୍ରତିଶତ ପର୍ଯ୍ୟନ୍ତ କମାଇ ପାରୁଛି ।

# ପରିବେଶକୁ ସୁହାଇଲା ପରି ଘର



ଶବ୍ଦ ପ୍ରଦୂଷଣ କାରଣରୁ ସମସ୍ତେ ବର୍ତ୍ତମାନ ଚିନ୍ତିତ । ରୋବ୍ୟାଧି ବଢ଼ିବା ସହ ପରିବେଶରେ ମଧ ଏକ ବିରାଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଏଣୁ ପ୍ରଦୂଷଣକୁ ଯଥାସମ୍ଭବ ରୋକିବା ନିମନ୍ତେ ସଂଖ୍ୟାଧିକ ପଦକ୍ଷେପ ନିଆଯାଉଛି । ଏଇ ୨ବର୍ଷ ତଳେ ଚୀନର ଏକ ମ୍ପାନୀ 'ଇକୋ - ଫ୍ରେଣ୍ଡଲି ଇଣ୍ଟେରିୟର' ପ୍ରଚଳନ କରାଇଛି । ସମସ୍ତ ପ୍ରକାର ବର୍ଜ୍ୟ ବସ୍ତୁର ବ୍ୟବହାର କରାଯାଇ ପରିବେଶକୁ ସୁହାଇଲା ଭଳି ସମାଗ୍ରୀମାନ କମ୍ପାନୀ ତିଆରି କରୁଛି । ଯେପରି ଘର ସାଜସଜ୍ଜା ଉପକରଣ, ଆଭ୍ୟନ୍ତରୀଣ ଓ ବାହାର ରଙ୍ଗ, ଆସବାପତ୍ର ଇତ୍ୟାଦି ତିଆରି କରୁଛି । ଯେପରି ଘର ସାଜସଜ୍ଜା ଉପକରଣ, ଆଭ୍ୟନ୍ତରୀଣ ଓ ବାହାର ରଙ୍ଗ, ଆସବାପତ୍ର ଇତ୍ୟାଦି ଇତ୍ୟାଦି । ପ୍ରାରମ୍ଭରୁ ଲୋକେ ଏହା ପ୍ରତି ସେଭଳି ଆଗ୍ରହ ପ୍ରକାଶ କରିନଥିଲେ । ତେବେ ଅଭିଜ୍ଞ ଲୋକେ ଏସବୁ ବ୍ୟବହାର କରିବା ପରେ ସେମାନଙ୍କ ମତାମତକୁ ବିଭିନ୍ନ ସୋସିଆଲ ସାଇଟରେ ଉଲ୍ଲେଖ କରିଥିଲେ । ପରେ ଅନ୍ୟ ବର୍ଗର ଲୋକେ ମଧ ଏଇ ଇକୋ-ଫ୍ରେଣ୍ଡଲି ସମଗ୍ରୀ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । କମ୍ପାନୀର ମୁଖ୍ୟଙ୍କ ମତରେ, ବିଭିନ୍ନ ଘରରର ଇକୋ- ଫ୍ରେଣ୍ଡଲି ସାଜସଜ୍ଜାର ଭିନ୍ନଭିନ୍ନ ବଜେଟ୍ ରହିଛି । ଏବେ ଚୀନର ଏହି କମ୍ପାନୀ ଆମେରିକା କାନାଡାରେ ବ୍ୟବସାୟ ଆରମ୍ଭ କରିବା ସହ ଦିଲ୍ଲୀର କେତେକ ପ୍ରାନ୍ତରେ ମଧ କାମ ଆରମ୍ଭ କରିଛି ।









# ବରଫପାତ ହେଉଥିବା ଅଞ୍ଚଳର ଲୋକଙ୍କ ଜୀବନ ଶୈଳୀ



**ଭାରତର ହିମାଚଳ ପ୍ରଦେଶର କେତେକ ଅଞ୍ଚଳ ତଥା ରୁଷିଆ ଓ ଆମେରିକାର ପ୍ରମୁଖ ସ୍ଥାନରେ ନିୟମିତ ଭାବେ ନିର୍ଦ୍ଦିଷ୍ଟ ସମୟରେ ବରଫପାତ ହୋଇଥାଏ । ତେବେ ଏହି ବରଫପାତ ପୂର୍ବରୁ ସ୍ଥାନୀୟ ଲୋକେ ନିଜ ଜୀବନଶୈଳୀକୁ ନେଇ ବେଶ୍ ସଚେତନ ହୋଇଥାନ୍ତି ।**

ରୁଷିଆର ଯେଉଁ ପ୍ରାନ୍ତରେ ବରଫପାତ ହୁଏ, ସେହି ଅଞ୍ଚଳର ଲୋକେ ୬ ମାସ ପାଇଁ ଖାଦ୍ୟ ସଂଗ୍ରହ କରନ୍ତି। ଶୁଖିଲା ଖାଦ୍ୟ ସହ ଘରେ ପାନୀୟ ଜଳ ପର୍ଯ୍ୟାପ୍ତ ପରିମାଣରେ ଲୋକେ ମହଜୁଦ୍ ରଖୁଥିବାର ପ୍ରକାଶ।

ଆମେରିକାର ଯେଉଁ ପ୍ରାନ୍ତରେ ବରଫାପାତ ହୁଏ, ସେଠାରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ସୁବିଧା ଉପଲବ୍ଧ। ବରଫାପାତ କମ ହେବା ମାତ୍ରେ ଲୋକଙ୍କୁ ସ୍ଥାନୀୟ ମଲ୍ ଓ ଦୋକାନ ଯାଇ କିଣାକିରି କରିବାକୁ ସଙ୍କେତ ଦିଆଯାଏ ।

ଏହି ଅଞ୍ଚଳର ବିଦ୍ୟାଳୟରେ ମଧ୍ୟ ସେହିପରି ଭାବେ ପାଠ୍ୟକ୍ରମର ବ୍ୟବସ୍ଥା ରହିଛି। ବରଫାପାତ ହେବା ପୂର୍ବରୁ ପାଣିପାଗ ବିଭାଗ ସୂଚନା ଦିଏ। ଏହାକୁ ଲକ୍ଷ୍ୟ ରଖି ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କୁ ହୋମୱାର୍କ ଅଧିକ ପରିମାଣର ଦିଅନ୍ତି।

ବୟସ୍କ ଲୋକେ ଓ ଛୋଟ ପିଲାଙ୍କ ଶରୀର ଅସୁସ୍ଥ ଏହି ସମୟରେ ସବୁଠୁ ବଡ଼ ଅସୁବିଧା ସୃଷ୍ଟି କରେ ବୋଲି ଅଧିକାଂଶ ମତ ଦେଇଛନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମାନତା...

ମହିଳାମାନଙ୍କ ସଂଖ୍ୟା ଭାରତର ମୋଟ ଜନସଂଖ୍ୟାର ପ୍ରାୟ ଅଧା । ବିବାହିତ ମହିଳାଙ୍କୁ ସ୍ୱାମୀଙ୍କର ଅର୍ଦ୍ଧାଙ୍ଗିନୀ କୁହାଯାଏ । ଅର୍ଥାତ୍ ସବୁ କ୍ଷେତ୍ରରେ ଲିଙ୍ଗଗତ ସମାନତା ବଜାୟ ରହିବା କଥା । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ତାହା ହୋଇ ପାରିନାହିଁ ଏବଂ ପୁରୁଷ ଓ ମହିଳାଙ୍କ ମଧ୍ୟରେ ଲିଙ୍ଗଗତ ଅନ୍ତରକୁ ହ୍ରାସ କରି ସମାନତା ହାସଲ କରିବା ନିମନ୍ତେ ଜାରି ରହିଥିବା ସଂଘର୍ଷ କେବଳ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲି ଆସିନାହିଁ, ବରଂ କଷ୍ଟକର ସାବ୍ୟସ୍ତ ହୋଇଛି । ବୁଧବାର ଦିନ ବିଶ୍ୱ ଅର୍ଥନୀତିକ ମଞ୍ଚ (ଡବ୍ଲ୍ୟୁଇଏଫ) ଦ୍ୱାରା ପ୍ରକାଶ ପାଇଛି । ୨୦୨୨ ପାଇଁ ବିଶ୍ୱ ଲିଙ୍ଗଗତ ଅନ୍ତର ସୂଚକାଙ୍କ ଏଥିରେ ସ୍ଥାନିତ ୧୪୬ ଦେଶଙ୍କ ମଧ୍ୟରେ ଭାରତ ରହିଛି ୧୩୫ତମ ସ୍ଥାନରେ । ସୂଚାଇ ଦିଆଯାଇପାରେ ଯେ ୨୦୨୧ରେ ଭାରତର ସ୍ଥାନ ୧୫୬ ଦେଶଙ୍କ ତାଲିକାରେ ଥିଲା ୧୪୦ରେ । ତେବେ ନୂଆ ତଥ୍ୟ ଅନୁସାରେ ଭାରତ ଏହି ତାଲିକା ପ୍ରସ୍ତୁତି ପାଇଁ ବିଚାରକୁ ନିଆ ଯାଉଥିବା ଚାରିଗୋଟି ମାନଦଣ୍ଡ ମଧ୍ୟରୁ ଗୋଟିକରେ- 'ସ୍ୱାସ୍ଥ୍ୟ ଓ ବଞ୍ଚି ରହିବା' ମାନଦଣ୍ଡ ଉପ-ସୂଚକାଙ୍କରେ ୧୪୬ ସ୍ଥାନ ସହିତ ସବୁଠୁ ଖରାପ ପ୍ରଦର୍ଶନ କରି ସବା ଶେଷରେ ରହିଛି । କହିବା ବାହୁଲ୍ୟ, ଭାରତ ପାଇଁ ଏହା କୁଚିତ୍ । ସୁଖକର ସମ୍ବାଦ ବିଶ୍ୱ ଲିଙ୍ଗଗତ ଅନ୍ତର ସୂଚକାଙ୍କ ସାମ୍ପ୍ରତିକ ଅବସ୍ଥା ସହିତ ଚାରିଗୋଟି ଦିଗରୁ ଲିଙ୍ଗଗତ ସମାନତାର ବିବର୍ତ୍ତନକୁ ବିଚାର ପରିସରକୁ ନେଇ ୦ରୁ ୧୦୦ ସଂଖ୍ୟା ଆଧାରିତ ମାପଦଣ୍ଡରେ ମାପ କରି ସ୍କୋର ପ୍ରଦାନ କରିଥାଏ । ଏହି ଚାରିଗୋଟିଯାକ ଦିଗ ହେଉଛି- ଅର୍ଥନୀତିକ ଅଂଶଗ୍ରହଣ ଓ ସୁଯୋଗ; ଶୈକ୍ଷିକ ସଫଳତା ହାସଲ, ସ୍ୱାସ୍ଥ୍ୟ ଓ ବଞ୍ଚି ରହିବା ଏବଂ ରାଜନୀତିକ ସଶକ୍ତିକରଣ । ଚଳିତ ଥର ଭାରତ ଏସବୁରେ ଯଥାକ୍ରମେ ୧୪୩, ୧୦୭, ୧୪୬ ଏବଂ ୪୮ତମ ସ୍ଥାନରେ ରହିଛି । ରିପୋର୍ଟ ଉଲ୍ଲେଖ କରିଛି ଯେ ଗତ ୧୬ ବର୍ଷ ମଧ୍ୟରେ ଭାରତର ୦.୬୨୯ ସ୍କୋର ହେଉଛି ସପ୍ତମ-ସର୍ବାଧିକ ସ୍କୋର । ଅର୍ଥନୀତିକ ଅଂଶଗ୍ରହଣ ଏବଂ ସୁଯୋଗ କ୍ଷେତ୍ରରେ ଭାରତ ମଧ୍ୟ ୨୦୨୧ଠାରୁ 'ପୁନରୁଦ୍ଧାର ପଥରେ ପଥିକ ହୋଇଛି, ଯଦିଓ ରିପୋର୍ଟ ଉଲ୍ଲେଖ କରିଛି ଯେ ଶ୍ରମ ଶକ୍ତିର ଅଂଶଗ୍ରହଣ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ସଂକୁଚିତ ହୋଇ ଯଥାକ୍ରମେ ବିୟୁକ୍ତ ୯.୫ ଓ ବିୟୁକ୍ତ ୩ ପ୍ରତିଶତ ରହିଛି । ମହାମାରୀ ଆକ୍ରାନ୍ତ ବର୍ଷଗୁଡ଼ିକରେ ଦେଶର ଅର୍ଥନୀତିକ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲା; ଲୋକମାନଙ୍କର ଆୟ କମିଗଲା । ପରିଣତିରେ ମହିଳାମାନଙ୍କୁ ଖାଦ୍ୟ, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାଠାରୁ ଆରମ୍ଭ କରି ଝିଅମାନଙ୍କ କର୍ମନିଯୁକ୍ତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା । ୨୦୧୯ରୁ ୨୦୨୧ର ସମୟ ଅବଧିକୁ ପରିସରଭୁକ୍ତ କରିଥିବା ସଦ୍ୟତମ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍‌ଏଫ୍‌ଏଚ୍‌ଏସ୍) ଦର୍ଶାଇଛି ଯେ ୧୫ରୁ ୪୯ ବର୍ଷର ବୟସ ବନ୍ଧନୀ ମଧ୍ୟରେ ରହିଥିବା ୫୭ ପ୍ରତିଶତ ମହିଳା ରକ୍ତହୀନତାର ଶିକାର ହୋଇଛନ୍ତି । ୨୦୧୫-୧୬ରେ କିନ୍ତୁ ଏହି ହାର ଥିଲା ୫୩ ପ୍ରତିଶତ । ସେହିପରି ବିବାହିତ ମହିଳାଙ୍କ ମଧ୍ୟରୁ ଯଦିଓ ୮୮.୭ ପାରିବାରିକ ସ୍ତରରେ ନିଆଯାଉଥିବା ପ୍ରମୁଖ ନିଷ୍ପତ୍ତିଗୁଡ଼ିକରେ ଅଂଶଗ୍ରହଣ କରିଥାନ୍ତି, ତେବେ ଗତ ଏକ ବର୍ଷ ବା ବାର ମାସ (୨୦୧୯-୨୧) ମଧ୍ୟରେ ୧୫ରୁ ୪୯ ବର୍ଷ ବୟସର କାମ କରିଥିବା ମହିଳାମାନଙ୍କ ମଧ୍ୟରୁ ମାତ୍ର ୨୫.୪ ପ୍ରତିଶତ ନଗଦ ଅର୍ଥ ଆକାରରେ ସେମାନଙ୍କର ପାରିଶ୍ରମିକ ଲାଭ କରିଥିଲେ । ଭାରତରେ ସମାଜର ସବୁ ସ୍ତରରେ ମହିଳାମାନଙ୍କର ଭାଗିଦାରୀକୁ ବଢ଼ାଇବା ପାଇଁ ସରକାର ଅନେକଗୁଡ଼ିଏ ପଦକ୍ଷେପ ନେଇଛନ୍ତି । ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା କାର୍ଯ୍ୟକାରୀ ହେବା ପରଠାରୁ ଦେଶରେ ମହିଳାମାନେ ନିଜେ ପରିଚାଳିତ କରୁଥିବା ବ୍ୟାଙ୍କ ଜମାଖାତା ବା ସଞ୍ଚୟ ଜମାଖାତା ଖୋଲିବାର ସଂଖ୍ୟାରେ ବୃଦ୍ଧି ଘଟିଛି । ଏହା ୭୮.୬ ପ୍ରତିଶତକୁ ବୃଦ୍ଧି ପାଇଛି । ପରନ୍ତୁ, ପରିତାପର ବିଷୟ, କର୍ମ ଶକ୍ତିରେ ମହିଳାମାନଙ୍କ ଅଂଶଗ୍ରହଣର ହାର କମିଛି । ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏଆଇଇ)ର ତଥ୍ୟ ଅନୁସାରେ ୨୦୧୬୧୭ରେ ପ୍ରାୟ ୧୫ ପ୍ରତିଶତ ମହିଳା କର୍ମନିଯୁକ୍ତିରେ ଥିଲେ କିମ୍ବା ଚାକିରି ଅନ୍ୱେଷଣ କରୁଥିଲେ । କିନ୍ତୁ ୨୦୨୧-୨୨ ବେଳକୁ ଏହି ସଂଖ୍ୟା ୯.୨ ପ୍ରତିଶତକୁ ଖସି ଆସିଛି । ଦେଶରେ ଲିଙ୍ଗଗତ ସମାନତାକୁ ହାସଲ କରିବା ପାଇଁ ଖୋଦ୍ ମହିଳାମାନଙ୍କ ଦ୍ୱାରା ହିଁ ମହିଳାମାନଙ୍କ ନିମନ୍ତେ କାର୍ଯ୍ୟ କରାଯିବା ସର୍ବୋତ୍କୃଷ୍ଟ ଉପାୟ ହେବ। ଆଉ ଏଥିପାଇଁ ନେତୃତ୍ୱ ନେବାର ପ୍ରତ୍ୟେକ ସ୍ତରରେ ମହିଳାମାନଙ୍କ ପ୍ରତିନିଧିତ୍ୱକୁ ବୃଦ୍ଧି କରାଯିବାର ଅପରିହାର୍ଯ୍ୟତା ରହିଛି । ଏହା ହୋଇ ପାରିଲେ କର୍ମ ଶକ୍ତିରେ ଅଂଶଗ୍ରହଣଠାରୁ ଆରମ୍ଭ କରି ସେମାନେ ଅନ୍ୟାନ୍ୟ ସମ୍ବଳର ଉପଯୋଗ ଉପଲବ୍ଧ କରି ପାରିବେ । ସର୍ବୋପରି ମହିଳାମାନେ ଦୋଦୁଲ୍ୟମାନ ଅର୍ଥନୀତିକ ଏବଂ ସାମାଜିକ ପ୍ରତିବନ୍ଧକଗୁଡ଼ିକୁ ଅତିକ୍ରମ କରିବା ନିମନ୍ତେ ସୁଯୋଗ ପ୍ରଦାନ କରିବାକୁ ସରକାର ଆନ୍ତରିକ ଭାବରେ କାର୍ଯ୍ୟ କରିବା ଉଚିତ।

## ଭାରତର ସଂବିଧାନ ଓ ରାଷ୍ଟ୍ରପତି



**ଗୋପାଳ ମହାପାତ୍ର**

ରାଷ୍ଟ୍ରପତି ନିର୍ବାଚନକୁ ନେଇ ଅନେକ କଥା ଏ ଦେଶର ଜନସାଧାରଣ ଦେଖିଲେଣି। ଗୋଟିଏ କଥା ସ୍ପଷ୍ଟ ଯେ ବିରୋଧି ଦଳମାନଙ୍କର ଏକତା ନାହିଁ। ମମତା ବାନାର୍ଜୀ ରାଷ୍ଟ୍ରୀୟ ରାଜନୀତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଯାହା ଆଶା କରାଯାଉଥିଲା ତାହା ହେଲା ନାହିଁ। ପ୍ରଥମେ ଶରଦ ପାୱାର ଓ ପାରକ ଅବଦୁଲା ଓ ତା ପରେ ଗୋପାଳକୃଷ୍ଣ ଗାନ୍ଧୀ ବିରୋଧିଙ୍କ ପକ୍ଷରୁ ରାଷ୍ଟ୍ରପତି ପ୍ରାର୍ଥୀ ହେବା ପାଇଁ ମନା କରିଦେଇଥିଲେ। ଏମାନେ ମନା କରିବାର କାରଣ ହେଉଛି ଜିତିବାର ଅନିଶ୍ଚିତତା। ପରେ ତୃଣମୂଳ କଂଗ୍ରେସ ପକ୍ଷରୁ ଯଶବନ୍ତ ସିହ୍ନାଙ୍କୁ ପ୍ରାର୍ଥୀ ହେବାକୁ ପଡିଲା। ଯଦି ପ୍ରଥମରୁ ଯଶବନ୍ତ ସିହ୍ନା ପ୍ରାର୍ଥୀ ହୋଇଥାନ୍ତେ ତେବେ ବିରୋଧିଙ୍କ ପ୍ରତିଷ୍ଠାରେ ଆଞ୍ଚ ଆସିନଥାନ୍ତା। ବିଜେପିଦଳ ଦଳ ପାଇଁ ସମର୍ପିତ ନେତ୍ରୀ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ କଲା। ଅନେକଙ୍କ ମତ ହେଉଛି ଦ୍ରୌପଦୀ ମୁର୍ମୁଙ୍କ ବିଜୟ ଦେଶର ଆଦିବାସୀମାନଙ୍କୁ ଶସକ୍ତ କରିବ। କ'ଣ ଏମିତି ହେବ? ଏଯାବତ୍ ଯେତେଜଣ ରାଷ୍ଟ୍ରପତି ହୋଇଛନ୍ତି ସେମାନଙ୍କ ଯୋଗୁଁ ଦେଶର ଲୋକଙ୍କ ସ୍ଥିତି କେତେ ମଜଭୂତ ହୋଇଛି ସେକଥା ସମସ୍ତେ ଜାଣନ୍ତି। ଦେଶରେ ମୁସଲମାନ, ଦଳିତ ଏବଂ ମହିଳା ରାଷ୍ଟ୍ରପତି ହୋଇଛନ୍ତି କିନ୍ତୁ ଏମାନଙ୍କ ପାଇଁ ମୁସଲମାନ, ଦଳିତ ଏବଂ ମହିଳାଙ୍କ ସ୍ଥିତି ସୁଧୁରିଛି କି? ଏହା କେବଳ ଆତ୍ମଛଳନା ଯାହ ରାଜନୀତିର ପାଣିପାଗକୁ ପରଖି କରାଯାଉଛି, ଦେଶ ପାଇଁ ନୁହେଁ। ଦ୍ରୌପଦୀ ମୁର୍ମୁ ହୁଅନ୍ତୁ ବା ଯଶବନ୍ତ ସିହ୍ନା ସେଇ ଧାରାର ପ୍ରତିନିଧି ଯିଏ ରାଜନୀତି ଓ ଶାସନଗାଦିର ଶକ୍ତି ସହ ଓତପ୍ରୋତ ଭାବେ ଜଡିତ। ଯଶବନ୍ତ ସିହ୍ନା ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ହେବା ପୂର୍ବରୁ ତୃଣମୂଳ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ତାର କାରଣ ହେଉଛି ସଂବିଧାନରେ ଥିବା ବ୍ୟବସ୍ଥାକୁ ସମ୍ମାନ। ସଂବିଧାନ ଅନୁସାରେ ସଂସଦୀୟ ପ୍ରଣାଳୀର ରାଜନୈତିକ ବ୍ୟବସ୍ଥାର ମୁଖ୍ୟ ଏଭଳି ଜଣେ ବ୍ୟକ୍ତି ହେବା ଆବଶ୍ୟକ ଯିଏ ସଂସଦ ଓ ଶାସନ ସହ ଯୋଡି ହୋଇନଥିବ। କିନ୍ତୁ ପ୍ରଧାନମନ୍ତ୍ରୀ ଏଭଳି ହୋଇପାରିବ ନାହିଁ। କାରଣ ପ୍ରଧାନମନ୍ତ୍ରୀ ଦଳ ଓ ଶାସନ ପାଇଁ ସମର୍ପିତ। ମହାତ୍ମା ଗାନ୍ଧୀ ଏଇଥିପାଇଁ ହିନ୍ଦ୍ ସ୍ୱରାଜ୍ୟରେ ଲେଖିଥିଲେ ଯେ ସେ ପ୍ରଧାନମନ୍ତ୍ରୀଙ୍କୁ ଦେଶଭକ୍ତ ବୋଲି ମାନିବାକୁ ପ୍ରସ୍ତୁତ ନୁହଁନ୍ତି। କାରଣ ପ୍ରଧାନମନ୍ତ୍ରୀଙ୍କ ଅନେକ ନିଷ୍ପତ୍ତିର ଆଧାର ଦେଶହିତ ପାଇଁ ହୋଇନଥାଏ। ନିଜ ଶାସନକୁ ଦେଶହିତର ଆଖ୍ୟାଦେଇ ଅନେକ ଭୁଲ କାମ ମଧ୍ୟ କରାଯାଇଥାଏ।

ଆମ ଦେଶର ସମ୍ବିଧାନ ସିଧାସଳଖ କହିଥାଏ ଯେ ସଂସଦୀୟ ରାଜନୀତିର ଆମ୍ପାୟାର ସେ ହିଁ ହୋଇପାରିବ ଯିଏ କୌଣସି ଦଳ ପକ୍ଷରୁ ଖେଳିବ ନାହିଁ ବା ଖେଳିନଥିବ। ଅର୍ଥାତ୍ ନିର୍ଦ୍ଦଳୀୟ ଏବଂ ନିରପେକ୍ଷ ବ୍ୟକ୍ତି ହିଁ ଏହି ପଦବୀରେ ବସିବା ଉଚିତ୍। ଖେଳରେ ଆମ୍ପାୟାରର କାର୍ଯ୍ୟ ଯାହା ସଂସଦୀୟ ରାଜନୀତିରେ ରାଷ୍ଟ୍ରପତିଙ୍କ କାର୍ଯ୍ୟ ମଧ୍ୟ ସେୟା। କ'ଣ ଏମିତି ଜଣେ ବ୍ୟକ୍ତି ମିଳିବା ସମ୍ଭବ? ଦଳୀୟ ସ୍ୱାର୍ଥର ଉର୍ଦ୍ଧ୍ୱରେ ରହି ଖୋଜିଲେ ଏଭଳି ବ୍ୟକ୍ତି ନିଶ୍ଚୟ ମିଳିବେ। ଦେଶ ସ୍ୱାଧୀନ ହେବା ପର ଠାରୁ ଯେଉଁ ୧୪ ଜଣ ରାଷ୍ଟ୍ରପତି ହୋଇଛନ୍ତି ସେମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ, ଦଶମ ଓ ଏକାଦଶ ରାଷ୍ଟ୍ରପତି ସମ୍ବିଧାନର ମାର୍ଗଦର୍ଶନର ମାନଦଣ୍ଡକୁ ପୂରଣ କରିଛନ୍ତି। ସର୍ବଶ୍ରୀ ରାଜେନ୍ଦ୍ର ପ୍ରସାଦ, ସର୍ବପଲ୍ଲୀ ରାଧାକୃଷ୍ଣନ, କେ ଆର ନାରାୟଣନ ଏବଂ ଏ ପିଜେ ଅବଦୁଲ କାଲାମ ଦଳୀୟ ରାଜନୀତିରୁ ଦୂରରେ ଥିଲେ ଏବଂ ବିଶିଷ୍ଟ ବ୍ୟକ୍ତିତ୍ୱ ଥିଲେ। ରାଜେନ୍ଦ୍ର ପ୍ରସାଦ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ନେତାଥିଲେ। ରାଜେନ୍ଦ୍ର ପ୍ରସାଦ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଭାଗରେ ଥାଇ ମଧ୍ୟ କଂଗ୍ରେସ ଦଳ ସହ ଜଡିତ ନଥିଲେ। ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କୁ ଦେଶ ଭୁଲିପାରିବ ନାହିଁ। ରାଷ୍ଟ୍ରପତି କେମିତି ଦରକାର, କ'ଣ କରିବେ-କ'ଣ ନ କରିବେ, କ'ଣ କହିବେ-କ'ଣ ନକହିବେ ସେସବୁର ନିର୍ଦ୍ଧାରଣ କରିଥିଲେ ରାଜେନ୍ଦ୍ର ପ୍ରସାଦ।

ପଣ୍ଡିତ ଜବାହାର ଲାଲ ନେହେରୁଙ୍କ ସହ ଅନେକ ପ୍ରସଙ୍ଗରେ ରାଜେନ୍ଦ୍ର ପ୍ରସାଦଙ୍କ ମତଭେଦ ଥିଲା। ତାଙ୍କର ପ୍ରଥମ କାର୍ଯ୍ୟକାଳ ସମୟରେ ସେ ସରକାରଙ୍କ ଅନେକ କଥାକୁ ସିଧାସଳଖ ବିରୋଧ କରିଥିଲେ। ରାଜେନ୍ଦ୍ର ପ୍ରସାଦ ଜଣେ ପ୍ରତିଷ୍ଠିତ ଆଇନ ବିଶାରଦ ଥିଲେ କିନ୍ତୁ ରାଷ୍ଟ୍ରପତି ପଦର ସାମ୍ବିଧାନିକ ଭୂମିକାକୁ ଭୁଲି ନଥିଲେ ଓ ନବଜାତ ଗଣତନ୍ତ୍ରକୁ ନିଜସ୍ୱ ଢାଞ୍ଚାରେ ଠିଆ (ପ୍ରତିଷ୍ଠିତ) କରିବାର ଉଦ୍ୟମ କରିଥିଲେ। ଭାରତର ରାଷ୍ଟ୍ରପତିମାନଙ୍କୁ ଏହି ଉତ୍ତରଦାୟିତ୍ୱ ରାଜେନ୍ଦ୍ର ପ୍ରସାଦଙ୍କ ପ୍ରସ୍ତୁତ ଢାଞ୍ଚାରୁ ହିଁ ମିଳିଛି। ସର୍ବପଲ୍ଲୀ ରାଧାକୃଷ୍ଣନ ଜଣେ ଦାର୍ଶନିକ ଥିଲେ ଓ ବିଦ୍ୱାନ ଥିଲେ। ସେ ମୁକ ବା ରବରଷ୍ଟାମ୍ପ ରାଷ୍ଟ୍ରପତି ନଥିଲେ। ରାଷ୍ଟ୍ରପତି ପଦର ସାମ୍ବିଧାନିକ ଅଧିକାର ବାବଦରେ ନେହେରୁ ଓ ପରେ ଇନ୍ଦିରାଗାନ୍ଧୀଙ୍କୁ ସଚେତନ କରାଇ ଦେଇଥିଲେ। କେ.ଆର ନାରାୟଣନ ଥିଲେ ଜଣେ ରାଜନେତା ଓ ଅର୍ଥଶାସ୍ତ୍ରୀ। ସେ ଥିଲେ ଦେଶର ପ୍ରଥମ ଦଳିତ ରାଷ୍ଟ୍ରପତି। ଅତି କୁଶଳତାର ସହ ସେ ରାଷ୍ଟ୍ରପତି ପଦର ମର୍ଯ୍ୟଦା ରକ୍ଷା କରିପାରିଥିଲେ। ସେହିପରି ଅବଦୁଲ କାଲାମ ଅଟଳବିହାରୀ ବାଜପେୟୀଙ୍କର ପସନ୍ଦ ଥିଲେ। ସେ ଦେଶବାସୀଙ୍କର ମଧ୍ୟ ପସନ୍ଦର ରାଷ୍ଟ୍ରପତି ଥିଲେ। କାଲାମ ରାଷ୍ଟ୍ରପତି ପଦର ମର୍ଯ୍ୟଦା ରକ୍ଷା କରିଥିଲେ ଓ ତାଙ୍କ କାର୍ଯ୍ୟଶୈଳୀ ସାମ୍ବିଧାନିକ ବ୍ୟବସ୍ଥା ଭିତରେ ଥିଲା। ବିଜ୍ଞାନ ଜଗତରୁ ଆସି ରାଷ୍ଟ୍ରପତି ପଦବୀରେ ଅଧିଷ୍ଠିତ ହୋଇଥିବା କାଲାମ ନିରପେକ୍ଷ ନୀତିକୁ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅଧିକ ଗୁରୁତ୍ୱ ଦେଇଥିଲେ।

ଏହି ୪ ଜଣ ରାଷ୍ଟ୍ରପତିଙ୍କ ଗୁଣର ସମନ୍ୱୟ ଆଜିର ରାଷ୍ଟ୍ରପତିଙ୍କ ଭିତରେ ରହିବା ଆବଶ୍ୟକ କାରଣ ଭାରତୀୟ ସଂସଦୀୟ ଗଣତନ୍ତ୍ର ଏବଂ ରାଷ୍ଟ୍ର ରୂପରେ ଭାରତ ଏକ ସ୍ୱର୍ଣକାତର ସମୟ ଦେଇ ଗତିକରୁଛି। ସେତେବେଳେ ସ୍ୱାଧୀନତାକୁ ଏକ ଅର୍ଥପୂର୍ଣ୍ଣ ସ୍ୱରୂପ ଦେବା ପାଇଁ ଏକ ଚ୍ୟାଲେଞ୍ଜ ଥିଲା ହେଲେ ଏବେ ୭୫ ବର୍ଷର ପୁରୁଣା ସଂସଦୀୟ ଗଣତନ୍ତ୍ରକୁ ଠିକ୍ ରାସ୍ତାରେ ନେବା ପାଇଁ ତଥା ଏହାର ବିକାଶର ସମ୍ଭାବନାକୁ ସାକାର କରିବା ଦିଗରେ ଚ୍ୟାଲେଞ୍ଜ ରହିଛି। ଧୈର୍ଯ୍ୟ, କୁଶଳତା, ବିଜ୍ଞତା, ସମ୍ବିଧାନ ବାବଦରେ ଅଧିକ ଜ୍ଞାନ ଓ ଏହାପ୍ରତି ପ୍ରତିବଦ୍ଧତା ଏଥିପାଇଁ ଆବଶ୍ୟକ। ଏବେ ଦେଶକୁ ଏମିତି ଜଣେ ରାଷ୍ଟ୍ରପତିଙ୍କର ଆବଶ୍ୟକତା ରହିଛି ଯିଏ ରାଷ୍ଟ୍ର ଓ ସମ୍ବିଧାନ ବ୍ୟତୀତ ଆଉ କିଛି ଦେଖିବ ନାହିଁ। କ'ଣ ଶାସକ ଓ ବିରୋଧୀ ଦଳ ବର୍ତ୍ତମାନର ରାଷ୍ଟ୍ରପତି ପ୍ରାର୍ଥୀଙ୍କ ଭିତରେ ଏଭଳି ଗୁଣ ସବୁ ଦେଖୁଛନ୍ତି? ଶାସକ ଓ ବିରୋଧି ଦଳ ପ୍ରାର୍ଥୀଙ୍କ ଭିତରେ ଏସବୁ ଗୁଣ ବୋଧହୁଏ ଦେଖୁଛନ୍ତି। ଶାସକ ଓ ବିରୋଧୀ ଦଳ ପ୍ରାର୍ଥୀଙ୍କ ଭିତରେ ଏସବୁ ଗୁଣ ବୋଧହୁଏ ଦେଖୁଛନ୍ତି। ସେମାନେ ରାଷ୍ଟ୍ରପତି ପଦରେ ଦଳର ଜଣେ ବ୍ୟକ୍ତିଙ୍କୁ ଅଧିଷ୍ଠିତ କରାଉଛନ୍ତି। ଫଳତଃ ଆଗାମୀ ଦିନରେ ସେ ତାଙ୍କଦଳ ପାଇଁ କାମ କରିବେ। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏଥିରେ ରାଷ୍ଟ୍ର ରହିଲା କେଉଁଠି?


ରାମଚନ୍ଦ୍ରପୁର, ରଣପୁର,

ମୋ-୯୪୩୮୪୮୫୦୯୪


## କବିଗୁରୁ ରବୀନ୍ଦ୍ରନାଥ



**ଡ଼ଃ. ଅରୁନ୍ଧତୀ ଦେବୀ**

୧୯୧୩ରେ ଗୁରୁଦେବ ରବୀନ୍ଦ୍ରନାଥ ଠାକୁରଙ୍କୁ ସାହିତ୍ୟରେ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ସେ ନୋବେଲ୍ ପାଇଥିବା ପ୍ରଥମ ଅଣ-ୟୁରୋପୀୟ । ୨୫ ମାର୍ଚ୍ଚ ୨୦୦୪ରେ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟର ଏକ ସିନ୍ଦୁକ ଭିତରେ ସୁରକ୍ଷିତ ଥିବା ଗୁରୁଦେବଙ୍କ ନୋବେଲ ପଦକ ଏବଂ କେତେକ ବ୍ୟକ୍ତିଗତ ସାମଗ୍ରୀ ଚୋରି ହୋଇଯାଇଥିଲା । ସେହି ବର୍ଷ ୭ ଡିସେମ୍ବରରେ ସୁଇସ୍ ଆକଡ଼େମି ତାଙ୍କ ନୋବେଲ ପଦକର ଦୁଇ ଦୁଇଟି ଅବିକଳ ନକଲ (ଗୋଟିଏ ସୁବର୍ଣ୍ଣ ଓ ଅନ୍ୟଟି ବ୍ରୋଞ୍ଜ) ବିଶ୍ୱ ଭାରତୀୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ । ବାଙ୍ଗଲା ଭାଷାଭାଷୀ ଅଞ୍ଚଳର ସାହିତ୍ୟ ଓ ସଂଗୀତକୁ ସେ ଏକ ନୂତନ ରୂପ ଦେଇଥିଲେ ତଥା ଗଭୀର ଭାବେ ପ୍ରଭାବିତ କରିଥିଲେ । ସେ କଥିତ ବାଙ୍ଗଲାରେ ଲେଖାଲେଖି କରି ଏକ ନୂତନ ଧାରା ପ୍ରଚଳନ କରିଥିଲେ । ମାତ୍ର ଆଠ ବର୍ଷ ବୟସରେ ସେ କବିତା ଲେଖା ଆରମ୍ଭ କରିଥିଲେ । ଷୋହଳ ବର୍ଷ ବୟସରେ ଭାନୁସିଂହ ଛଦ୍ମନାମରେ ତାଙ୍କର ପ୍ରଥମ କବିତା ପୁସ୍ତକ ପ୍ରକାଶିତ ହୋଇଥିଲା । ତାହାପରେ ପରେ ସେ ଗଳ୍ପ ଓ ନାଟକ ଲେଖାରେ ମନ ଦେଇଥିଲେ । ସେ ବ୍ରିଟିଶ ସାମ୍ରାଜ୍ୟବାଦର ତୀବ୍ର ବିରୋଧୀ ଏବଂ ଭାରତୀୟ ଜାତୀୟତାବାଦର ସମର୍ଥକ ଥିଲେ । ବ୍ରିଟିଶ ଶାସନ ବ୍ୟବସ୍ଥାକୁ ସେ ଭାରତୀୟ ସାମାଜିକ ବ୍ୟାଧିର ରାଜନୈତିକ ଲକ୍ଷଣ ଭାବେ ଅଭିହିତ କରିଥିଲେ । ଶିକ୍ଷାକୁ ସେ ଆଜୀବନ ପ୍ରାଧାନ୍ୟ ଦେଇଥିଲେ । ଉପଯୁକ୍ତ ଶିକ୍ଷା ବିନା ସମସ୍ତ ପ୍ରକାରର ବିପ୍ଳବ ଅର୍ଥହୀନ ବୋଲି ସେ କହୁଥିଲେ । ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ସେ ପଞ୍ଜୁରି ଭିତରେ ବନ୍ଦୀ ଶୁଆକୁ ତାଲିମ ସହ ତୁଳନା କରିଥିଲେ । ଶିକ୍ଷାକୁ ପାଠ୍ୟକ୍ରମ ଓ ପୁସ୍ତକ ବାହାରକୁ ନେବା ପାଇଁ ସେ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଥିଲେ । ବୈପ୍ଳବିକ ଚିନ୍ତାଧାରା ଯୋଗୁଁ ସେ ଶ୍ରେଣୀ ବିଦ୍ୱେଷର ଶିକାର ମଧ୍ୟ ହୋଇଥିଲେ । ୧୯୧୬ରେ ଆମେରିକାର ସାନ୍ ଫ୍ରାନ୍‌ସିସ୍‌କୋରେ ଏକ ହୋଟେଲ୍‌ରେ ଅବସ୍ଥାନ କାଳରେ ଗୁରୁଦେବଙ୍କୁ ହତ୍ୟା କରିବାକୁ ଉଦ୍ୟମ ହୋଇଥିଲା ତେବେ ଷଡ଼ଯନ୍ତ୍ରକାରୀମାନେ ସଫଳ ହୋଇପାରିନଥିଲେ । ସେ ବ୍ରିଟିଶ ବିରୋଧୀ ଥିଲେ ଏବଂ ଜର୍ମାନୀ ଓ ଜାପାନ ପରି ରାଷ୍ଟ୍ର ଆଡୁ ରାଜନୈତିକ ସହାୟତା ସପକ୍ଷରେ ଥିଲେ । ଏହା ସତ୍ତ୍ୱେ ବ୍ରିଟିଶ ସରକାର ୧୯୧୫ରେ ତାଙ୍କୁ ନାଇଟ୍ ଉପାଧି ପ୍ରଦାନ କରିଥିଲେ । ଜଲିୟାଁୱାଲାବାଗ ଗଣହତ୍ୟା ଦ୍ୱାରା ବ୍ୟଥିତ ହୋଇ, ପ୍ରତିବାଦ ସ୍ୱରୂପ ୧୯୧୯ରେ ସେ ନାଇଟ୍ ଉପାଧି ଫେରାଇ ଦେଇଥିଲେ । ଗୁରୁଦେବଙ୍କ ଦୁଇଟି କବିତା ଜନଗଣ ମନ.... ଓ ଆମାରା ସୋନାର ବାଙ୍ଗଲା...' କୁ ଯଥାକ୍ରମେ ଭାରତ ଏବଂ ବାଙ୍ଗଲାଦେଶର ଜାତୀୟ ସଂଗୀତ ଭାବେ ମନୋନୀତ କରାଯାଇଥିଲା । ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ସେ ରଚନା କରିଥିଲେ, ଚିତ୍ତୋ ଜେଠା ଭୟଶୂନ୍ୟୋ ଯେଉଁଠାରେ ମନ ଭୟମୁକ୍ତ ଏବଂ ଏକଲା ଚଲୋ ରେ ଯଦି ତୁମ ଡାକର ଉତ୍ତର ମିଳୁନାହିଁ ଏକା ଆଗେଇ ଚାଲ । ମହତ୍ମା ଗାନ୍ଧୀଙ୍କୁ ଏହି ଦ୍ୱିତୀୟ ପଦ୍ୟ ଗଭୀର ଭାବେ ପ୍ରଭାବିତ କରିଥିଲା । ଗୁରୁଦେବ ଜାତିପ୍ରଥାର ଘୋର ବିରୋଧୀ ଥିଲେ । ତାଙ୍କର ରଚନାରେ ଏହାର ସ୍ପଷ୍ଟ ଝଲକ ଦେଖିବାକୁ ମିଳେ । କେରଳର ଗୁରୁବାୟୁର ମନ୍ଦିରରେ ଦଳିତଙ୍କ ପ୍ରବେଶ ପାଇଁ ସେ ସଂଗ୍ରାମ କରି ଜିଣିଥିଲେ । ୧୮୬୧ ମେ ଆଜିର ଦିନରେ କାଲକାତାସ୍ଥିତ ଜୋଡ଼ାସାଁକୋ ଠାକୁରବାଡ଼ିରେ ଗୁରୁଦେବ ଜନ୍ମ ହୋଇଥିଲେ ।


ନିର୍ଦ୍ଦେଶିକା - ସମ୍ପାଦିକା,

ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ

ମୋ: ୯୯୩୭୧୭୨୮୧୦


## ଆମ ରାଜ୍ୟପାଳ ଜଣେ ଭଦ୍ରଲୋକ



**ସୁବ୍ରତ କର**

ଆମ ରାଜ୍ୟପାଳଙ୍କଠୁ ବହୁତ କିଛି ଶିଖିବାର ଅଛି । ସତରେ ସେ ଜଣେ ଭଲ ଶିକ୍ଷକ ଥିବେ ନିଶ୍ଚୟ ଏବଂ ଯେଉଁମାନେ ତାଙ୍କ ପାଖରେ ପାଠ ପଢ଼ିଥିବେ ସେମାନେ ନିଶ୍ଚୟ ଭାଗ୍ୟବାନ । ସେ ବିଶେଷ କରି ରାଜନୈତିକ ନେତାମାନଙ୍କର ଆଦର୍ଶ ହେବା ଦରକାର । ଓଡ଼ିଶା ନିଶ୍ଚିତ ଭାବରେ ଏକ ଗରିବ ରାଜ୍ୟରେ ପରିଗଣିତ ହେଉଥିଲା କିନ୍ତୁ ଏବେ ସରକାର କହିବା ମୁତାବକ ଗରିବ ଶ୍ରେଣୀର ଲୋକଙ୍କ ସଂଖ୍ୟା ବେଶ ହ୍ରାସ ପାଇଛି । ଏହି ସରକାର ଶତକଡ଼ା ୬୬ଭାଗ ଗରିବ ଥିବାବେଳେ ମଙ୍ଗ ଧରିଥିଲେ । ଏହା ଏବେ ୩୦ ଭାଗ ଖସିଛି । ଏହି ରାଜ୍ୟର ମଙ୍ଗ ଧରିଥିଲେ ଆମର ମହାମାନ୍ୟ ରାଜ୍ୟପାଳ ଗଣେଶିଲାଲ । ତାଙ୍କର ବ୍ୟକ୍ତିଗତ ଅଦ୍ୱିତୀୟ । ଯେମିତି ଚେହେରା ସେମିତି କଥା କହିବାର ଢଙ୍ଗ, ଡ୍ରେସ କୋର୍ଡ ଏବଂ ଶେଷରେ ଜ୍ଞାନ । ଜ୍ଞାନର ଭଣ୍ଡାର । ସରକାରଙ୍କ ସହିତ ଏ ପର୍ଯ୍ୟନ୍ତ କେବେହେଲେ ଗଣ୍ଡଗୋଳ ଭିତରେ ପଶି ନାହାନ୍ତି ଅନ୍ୟ ରାଜ୍ୟର ରାଜ୍ୟପାଳ ଭଳି ଓଲଟା ସରକାରଙ୍କ ସବୁ ନିତୀକୁ ସବୁ କାର୍ଯ୍ୟକ୍ରମକୁ ସମର୍ଥନ ଜଣାଇ ଆସିଛନ୍ତି । ସେ ଜାଣିଛନ୍ତି ସରକାରଙ୍କ ସହିତ ମିଳିମିଶି କେମିତି ଚଳିବାକୁ ପଡ଼େ । କେବେହେଲେ ରାଜ୍ୟପାଳଙ୍କ କ୍ଷମତାକୁ ବ୍ୟବହାର ହେଉ ବା ଅପବ୍ୟବହାର କରି ନାହାନ୍ତି । ସେଇଥିପାଇଁ ହୁଏତ ନବୀନ ବାବୁଙ୍କ ସରକାର ସୁରଖୁରରେ ଚାଲିଛି ।

ଏବେ ଆସିବା ତାଙ୍କ କାର୍ଯ୍ୟକଳାପକୁ ନେଇ କିଛି ତଥ୍ୟ ଉପସ୍ଥାପିତ କରିବା । ସେ ପ୍ରଥମ କରି ବିଶେଷ ଭାବରେ ଜନ ସାଧାରଣଙ୍କ ଦୃଷ୍ଟିକୁ ଆସିଲେ ଗତବର୍ଷ କୋଭିଡ ସମୟରେ । ସେତେବେଳେ ବିଭିନ୍ନ ୟୁନିଭରସିଟିର କୂଳପତିଙ୍କୁ ବଛା ହେଲା ସମୟରେ । କୂଳପତି ମାନଙ୍କ ଇଣ୍ଟରଭିୟୁ ଚାଲିଥାଏ ତାଙ୍କର ସହଧର୍ମିଣୀଙ୍କୁ କୋଭିଡ ହେଲା ଏବଂ ଅଳ୍ପ ସମୟ ମଧ୍ୟରେ ମୃତ୍ୟୁବରଣ କରିଲେ । କିନ୍ତୁ ସେହି ଦୁଃଖକୁ ସମ୍ଭାଳି ତାର ପରଦିନ କୂଳପତିମାନଙ୍କ ସାକ୍ଷାତ କରିବାର ଭାଗନେଲେ । ଏହା ନିଶ୍ଚିତ ଭାବରେ ତାଙ୍କର କର୍ତ୍ତବ୍ୟ ନିଷ୍ଠାର ଏକ ଜ୍ୱଳନ୍ତ ଉଦାହରଣ । କୌଣସି ଲୋକ ଏତେ ବଡ଼ କ୍ଷମତାରେ ରହି ରାଜକାର୍ଯ୍ୟକୁ ଅସମ୍ମାନ କରି ନାହାନ୍ତି । ଆମର ନେତା ମନ୍ତ୍ରୀ ବା ଉଚ୍ଚପଦସ୍ଥ ସରକାରୀ ଅଫିସରମାନେ ହେଲେ ଖୁବ୍ କମରେ ୧୫ଦିନ ଛୁଟିରେ ରହି କଣ ସବୁ କରି ପକେଇଥାଆନ୍ତେ । ରାଜ୍ୟପାଳ ସବୁ ଜାଗାରେ ଏବଂ ସମସ୍ତଙ୍କଠାରେ । ମୁଖ୍ୟମନ୍ତ୍ରୀଙ୍କ ସହିତ ମିଶି ମହାପ୍ରଭୁଙ୍କ ରଥ ଟଣାରେ, ବାହାଘର ଛାଡ଼ି ଯୋଗ ଦେବା, ପାହାଳରେ ରସଗୋଲା ଖାଇବା ବାହାନଗାରେ ଏକ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ବା ବାଲେଶ୍ୱରଠାରେ ଫକୀର ମୋହନଙ୍କ ଶାନ୍ତିକାନନ ଏବଂ ବନ୍ଧୁ ଘରକୁ ଯିବା । ବାଳାଶ୍ରମକୁ ଯିବା ସବୁ ଜାଗାରେ ରାଜ୍ୟପାଳ ଛାଇ ଯାଇଛନ୍ତି ଏହି ବ୍ୟକ୍ତିଙ୍କଠୁ ଆମ୍ଭେମାନେ ଏବଂ ରାଜନେତାମାନେ କିଛି ଶିଖିବା ଉଚିତ ନୁହେଁ କି?




## ଗଲା ପୁତ୍ର ବାହୁଡି ନୋହିଲା

**ରତ୍ନାକର ରାଉତ**

କେବେ ଭଲ ଲାଗୁଥିଲା ଭିଡ, ଗହଳି ଓ ମେଳା
ଏବେ ଭଲ ଲାଗେ ଶ୍ମଶାନର ନିଥର ନିରବତା
ଓ ନିର୍ଜନ ପରିବେଶ ଯେତେ ।

ଶାଗୁଣାମାନେ ଅନ୍ତର୍ଦ୍ଧାନ ହୋଇଗଲା ପରେ
କୁଆମାନଙ୍କର ଦୌରାତ୍ମ୍ୟ ଅସହ୍ୟ ।
ସେମାନେ ସଭିଏଁ ଇତସ୍ତତଃ ଅଶାନ୍ତିରେ ବିଚଳିତ ।
କାଆକାଆ କର୍କଶ କମ୍ପନରେ ଅଶାନ୍ତ ଚଉଦିଗ ।
ଅଚାନକ ଘଡଘଡି ଶବ୍ଦରେ ଯେମିତି ଖେଳିଯାଏ ଆତଙ୍କ ।
ସାରା ଜଗତ ଉଦ୍‌ବିଗ୍ନ, ଅସ୍ଥିର ଏବଂ ଭୀତତ୍ରସ୍ତ, କାଳେ
ମାଡିଆସିବକି ଅଦିନରେ ଦୈବ ଦୁର୍ବିପାକ,
କିମ୍ବା କଳିର ଶେଷବେଳ ଆସି ହେଲାଣି ଉପଗତ,
ମାତି ଉଠିବେ ମାତଙ୍ଗୀ, ଡାହାଣୀ, ଚିରଗୁଣୀ ଯେତେକ ।
ସଭିଙ୍କର ରକ୍ତ ଶୋଷି ଖାଇବେ,
ପଡିଯିବ ମଡକ, ଚାରିଆଡେ ହୁରି ପଡିଛି
ରକ୍ତମୁଖା ସାଜିଲେଣି ଅନେକ ।

କୁଆମାନଙ୍କର ଏ ବିଭତ୍ସକାଣ୍ଡ ଦେଖିଦେଖି
ପାଦ କାଢିବାକୁ ସଂକୋଚ ଲାଗେ ପଦାକୁ ।
କଇଁଛ ପରି ଆବଦ୍ଧ ହୋଇଗଲେ ନିଜେ ନିଜ ଭିତରେ
ଭେଟିବାକୁ ହୁଏ ନିଜ ନିଃଶ୍ୱାସ
ଚିହ୍ନିହୁଏ ଆପଣାର ଲୋକପରି
ସେ ଆତଯାତ ହେଉଥାଏ,
ସେତେବେଳେ ବାହାରେ ମାଡିଆସୁଛି କି ସୁନାମି
ଭୟାନକ କାଳବୈଶାଖୀ
ସେଥିରେ ତାର କିଛି ଯାଏ ଆସେ ନଥାଏ ।
ସେତେବେଳକୁ କେଉଁଠି ଲୁପ୍ତ ହୋଇ ସାରିଥାଏ
ବାରୁଦ ଓ ପୋଡାମାଂସର ଉତ୍କଟ ଗଂଧ ବାୟୁରେ
ଯେମିତି ଶାନ୍ତ, ଶୀତଳ, ସ୍ଥିର, ଅଚଂଚଳ
ଜଳାଶୟର ଜଳ ।

ସମାଧିସ୍ଥ ହୋଇଯାଏ ଶରୀର ।
ଅଜ୍ଞାତ ଆତତାୟୀର ଗୁଳି ଛୁଟି ଆସିଲା ପରି
କେଉଁଠି ଥାଆନ୍ତି କେତେ ଶର କାହା ତୂଣୀରରେ,
ଅବା ନିଜର ଅକ୍ଷୟ ତୂଣୀରରେ,
ବିଭିନ୍ନ ଦିଗରୁ ଛୁଟିଆସି
ଆରମ୍ଭ କରିଦିଅନ୍ତି ସଂଘବଦ୍ଧ ଆକ୍ରମଣ ।
ବେଳେବେଳେ ଚହଲିଯାଏ ଜଳାଶୟର ଜଳ
ରହିବାକୁ ଚାହିଁଲେ ରହେ,
ଥରେ ଅଫେରା ପଥରେ ପାଦଦେଲେ,
ସେ ଫେରେ କି ନଫେରେ କିଏ ଜାଣେ,
କିଏ ପଚାରେ ତାକୁ ଗଲାପୁତ୍ର ବାହୁଡି ନୋହିଲା ।
ଗଭୀର ତନ୍ଦ୍ରାରେ ସୁପ୍ତ ଆତ୍ମା,
ଡାକ ଶୁଣିବ କି ନାହିଁ କି ପ୍ରତ୍ୟୟ ବା ଅଛି?
ରୁକୁଣା ରଥ ଥରେ ଗଲେ
ଅଣଲେଉଟା ବୋଲି ଜାଣନ୍ତି ସଭିଏଁ
ତେଣୁ ପ୍ରତ୍ୟେକ ଦିନ ରାତି ପାହିଲେ ହୁଏ ନବଜନ୍ମ ।

ଗତକାଲି ରାତିରେ ଯାହାର ହୋଇ ସାରିଥାଏ ମୃତ୍ୟୁ
ଝଲଝଲ ଝଲସୁଥାଏ ଜୀବନ ମୃତ୍ୟୁରେ
ମୃତ୍ୟୁ ମୃତବତ୍ ପଡିରହେ ଥରେ କୋଳେଇ ଦେଲେ ଜୀବନ
ତାପରେ ଘୋଟିଯାଏ ଅନ୍ଧକାର, ଘନଘୋର ଅନ୍ଧକାର
ଆରମ୍ଭ ହୁଏ ଶୂନ୍ୟ ବିଚରଣ ।

ମହାଶୂନ୍ୟରେ ଖୋଜିହେଲା ବେଳେ ନିଜର ଅସ୍ତିତ୍ୱ
କେଉଁଠି ଦିଶିଯାଏ ଆଲୋକର ଏକ କ୍ଷୀଣରେଖା ।
ସେହି ଆଲୁଅର ଅନୁସରଣ କରୁକରୁ,
ପହଂଚି ସାରିଥାଏ କେଉଁ ଦୁର୍ଲଭ ଉଆସରେ,
ଯେଉଁଠାରେ କେବଳ ଆଲୁଅ ହିଁ ଆଲୁଅ ।

ଫୁଟିଗଲାପରେ ଫୁଲ ପରାଗ ଖୋଜେ ପ୍ରୀତି,
ସେତେବେଳେ ନା ଥାଏ ପାଖୁଡ଼ା, ନା କେଶର,
ନା ବୃନ୍ତ, ନା ଡାଳ, କିଛି ନଥାଏ ।
ସବୁ ବଦଳି ଯାଇଥାଏ ଏକ ରୂପହୀନ
କ୍ଷୁଦ୍ରାଦପି କ୍ଷୁଦ୍ର ବିନ୍ଦୁରେ ।

ଅମାବାସ୍ୟା ଆକାଶର ତାରାପରି
ଅସୁମାରି ତାରା ପୁଞ୍ଜଙ୍କ ଗହଣରେ
ମୋର ଆତ୍ମା ଏକ କ୍ଷୁଦ୍ର ତାରା ।
ଫୁଲ ଭିତରେ ଛପିଗଲା ଭଳି ଭଅଁର,
ଛପିଯିବାକୁ ଖୋଜୁଥାଏ କେଉଁ ଏକ ପ୍ରାପ୍ତ କଳେବର ।

କଳେବର ଭିତରେ ଥାଇ ସେ ଥାଏ କି'
ତା' ଭିତରେ ସବୁବେଳେ
ଅବା କେଉଁଠି କେଉଁଠି ବୁଲୁଥାଏ,
ଫେରି ପାଇବାକୁ ସ୍ଥିତାବସ୍ଥା ଲାଗିଯାଏ କିଛିକ୍ଷଣ ।

ଏମିତି ସଂକଟର ବେଳ ହିଁ ଶଙ୍କା ଜଗାଏ ମନରେ,
ବାଟ ହୁଡ଼ିଲେ ଫେରିପାଇବାକୁ ବାଟ ।
ଘୋଡ଼ା ଟାପୁରେ ନାଲ, ତା' ତୁଣ୍ଡରେ ଲଗାମ,
ଓଲେଇ ଗାଈ ବେକରେ ପଘା,
ଅନିଚ୍ଛା ସତ୍ତ୍ୱେ ପ୍ରୟୋଗ କରିବାକୁ ପଡ଼େ ।
ଥରେ ବଂଧା ହୋଇଗଲେ ଖୁଣ୍ଟରେ,
ଲଦା ହୋଇଗଲେ ଛେଳା ପିଠିରେ,
ଜୁଆଳିରେ ଯୋଖା ହୋଇଗଲେ କାଂଧ,
ମହି ଦାଣ୍ଡିରେ ଭିଡ଼ା ହୋଇଗଲେ ଦହଣ ଦଉଡ଼ି,
ଭୁଲି ହୋଇଯାଏ କ୍ରମେ କ୍ରମେ ସକଳ ଅହଂକାର ଓ ଔଦ୍ଧତ୍ୟ ।

ତା'ପରେ ମନ ପବନ ଘୋଡ଼ାରେ ବସି ଆରମ୍ଭ ହୁଏ ଉଡ଼ାଣ,
ସେତେବେଳେ ନା ଶବ୍ଦ ଥାଏ, ନା ଥାଏ ଭାବ,
ଏକ ଅମୂର୍ତ୍ତ ଅନୁଭବରେ ମହକି ଯାଉଥାଏ ଚଉଦିଗ ।
ପରସ୍ତ ପରସ୍ତ କୁହୁଡ଼ି ଅପସରି ଗଲେ,
ସୂର୍ଯ୍ୟ ଭିଡ଼ ଭିତରୁ ମୁହଁ କାଢ଼େ,
ଫୁଲ ଫୁଟିବାର ବେଳ ଉପଗତ ହୁଏ ।

ଆପଣା ଦେହରୁ ଉତାରିଲା ପରି ବସ୍ତ୍ର,
କିମ୍ବା ଝାଡ଼ିଲା ପରି ପରସ୍ତ ପରସ୍ତ ଧୂଳି,
ଖୋଲିଯାଏ ଆଭରଣ ପରେ ଆଭରଣ
ଚୂଡ଼ି, ଶାଢି, ଅନ୍ତବସ୍ତ୍ର ତା' ପରେ ଚମର ବେଢ଼ଣ,
ପାଖୁଡ଼ା ପରେ ପାଖୁଡ଼ା ତା' ପରେ ପାଖୁଡ଼ା,
ମୁକୁଳିଯାଏ ପଦ୍ମର କୋରକ,
ଫୁଟିଯାଏ ଶତଦଳ କମଳ,
ପ୍ରଥମେ ବତାସ, ତା' ପରେ ମନ୍ଦ୍ର ମଧୁର ମରୁତ,
ଛୁଇଁ ଛୁଇଁ ଯାଉଥାଏ ।

ସେତେବେଳକୁ ଦେହ ଲୁପ୍ତ ହୋଇ ସାରିଥାଏ ଦେହାତୀତରେ,
ନା ଥାଏ ଆଭରଣ, ନା ଥାଏ ଅସ୍ଥି, ମଜ୍ଜା, ରକ୍ତ ମେଦମାଂସ,
ଶୂନ୍ୟରେ ଶୂନ ହୋଇଗଲା ପରେ ଏସବୁ,
ଥାଏ କ'ଣ ଯେ ତାକୁ ଜ୍ଞାତରେ
ଅଜ୍ଞାତରେ ଝୁରୁ ଥାଆନ୍ତି ସମସ୍ତେ ।
ସେ ମୁକ୍ତ ନଭଚାରୀ,
ସେ ଫେରିବାକୁ ଚାହିଁଲେ ଫେରେ,
ପୁଣି ଆସି ଉଭା ହୋଇଯାଏ,
କର୍ମକୁଣ୍ଠ କର୍ମଚାରୀ କାମଛାଡ଼ି,
ଏଣେ ତେଣେ ବୁଲାବୁଲି ସାରି,
ଯିବା ବେଳେ ବ୍ୟାଗପତ୍ର ନେଇଯିବା ପାଇଁ,
ଯେଉଁପରି ସଂଧ୍ୟା କାଳେ ଆସିଥାଏ ଫେରି ।

କୁଆଙ୍କ ମେଳରେ ରହି,
ସବୁକାଳେ ଶୁଣିବାକୁ ହୁଏ ଏଠି
କାଉକାଉ ରାଉରାଉ ।
ତା' ମଧ୍ୟରେ ଯେତେବେଳେ ନିର୍ଜନତା ଗ୍ରାସକରେ
ମୋ ଅସ୍ତିତ୍ୱ, ସ୍ଥିତି ଅବସ୍ଥିତି,
ମୋ ଆକାଶେ ଭେଟହୁଏ
ଆଉ କେତେ କେତେ ତାରାଙ୍କ ସହିତ ।
ସବୁ ତାରା ଗୋଟେ ଗୋଟେ
କ୍ଷୁଦ୍ରାଦପି କ୍ଷୁଦ୍ର ବିନ୍ଦୁ ହୋଇ,
ମୋ ଚାରିପାଖରେ ଆତଯାତ ହେଉଥାନ୍ତି,
ଆକାଶର ଅଙ୍ଗନରେ ଅସୁମାରି
ଭାସମାନ ତାରା ପୁଂଜ ପରି ।
କାଉମାନେ ଛୋଟଛୋଟ ତାରାଫୁଲ ପରି
ଆକାଶର ଇଲାକାରେ ଫୁଟି ଗଲାପରେ
ଆଉ କଣ ବାକିଥାଏ ଏଠି ?




ପ୍ଲଟ ନଂ-୭୬୭ (ପି)

ଜୟଦୁର୍ଗା ନଗର, ଲକ୍ଷ୍ମୀସାଗର

ଭୁବନେଶ୍ୱର-୬

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ସୋମବାର, ୧୮ ଜୁଲାଇ ୨୦୨୨

# ଜଗା ତୁ ଫେରିଆ





**ବିଜୟ କୁମାର ପଣ୍ଡା**
ସମ୍ପାଦକ 'କନକପ୍ରଭା',
ଭର୍ତ୍ତୁର, ବାଙ୍ଗାଲୋର
ଯୋଗାଯୋଗ: ୯୭୩୯୫୯୧୮୧୬

ଦାସେ ଛୋଟ ଘରଟେ କରି ଠାକୁରଙ୍କୁ ସେଠାରେ ରଖି ନିତି ପୂଜା କରନ୍ତି, ଭୋଗ ରାଗ ଲଗେଇ ନିଜେ କିଛି ସେବନ କରି ବାକି ସବୁ ପିଲାମାନଙ୍କୁ ବାଣ୍ଟି ଦିଅନ୍ତି। ତାଙ୍କ ଘରକୁ ଲୋକ ଠାକୁର ବାଡ଼ି କୁହନ୍ତି। ସକାଳ ମଧ୍ୟାହ୍ନ ଅବା ସଂଧ୍ୟା ସେ ଯାହା ବି ସେବନ କରନ୍ତି ସେସବୁ କେବଳ ଜଗାକୁ ଭୋଗ ଲଗେଇଲା ପରେ ହିଁ ତାଙ୍କ ପାଟିକୁ ଯାଏ। ଜଗାକୁ ଛାଡ଼ି ସେ ଅନ୍ୟ କଥା ଚିନ୍ତା କରନ୍ତିନି ଯେମିତି । ସକାଳୁ ନିଜେ ଗାଧୋଇ ଜଗାକୁ ଗାଧୋଇ ଦିଅନ୍ତି, ଭୋଗ ଦିଅନ୍ତି ପୁଣି ମଧ୍ୟାହ୍ନରେ ଅନ୍ନ ଭୋଗ ଆଉ ସଂଧ୍ୟା ଧୂପ ଦେଲା ପରେ ଭୋଗ ଲଗେଇ ଜଗାକୁ ଶୁଏଇ ଦେଇ ସେ ନିଜେ ଶୁଅନ୍ତି। ତାଙ୍କ ଘରଟା ସବୁବେଳେ ଫୁଲ, ଚନ୍ଦନ, ଧୂପ ଦୀପରେ ଏମିତି ମହକି ଉଠୁଥାଏ ..ଠିକ ଏକ ମନ୍ଦିର ପରି । ଗାଁରେ ମନ୍ଦିର ନଥିବାରୁ ଲୋକେ ପ୍ରାୟ ସମୟରେ ତାଙ୍କ ଠାକୁର ବାଡ଼ିରେ ଯାଇ ପୂଜା କରି ଆସନ୍ତି ।

ଘରକୁ ଲାଗି ତାଙ୍କର କୋଡ଼ିଏ ହାତ ଯାଗା। ସେଠାରେ ବାଡ଼ ଘେରି ସବୁ ପ୍ରକାର ପନିପରିବା ସେ ଲଗାନ୍ତି। ସେସବୁକୁ ଜଗା ପାଖେ ଭୋଗ ଲାଗେ। ଦାସେ ପିଲା ମାନଙ୍କୁ ଡାକି ହାକି ସବୁଦିନ ଭୋଗ ଖୁଆନ୍ତି ବୋଲି ସାହି ଲୋକମାନେ ପାଳି କରି କେହି ନା କେହି ପ୍ରତି ଦିନ ଡାଲି ଚାଉଳ ତାଙ୍କୁ ଦେଇଯାନ୍ତି। ଏଇ କିଛି ଦିନ ହେଲା ତାଙ୍କ ନାଆଁ ବି ପି ଏଲ୍‌ରେ ଲେଖା ହେଇଛି ବୋଲି ଡାଲି ଚାଉଳ ତାଂକୁ ଦରକାର ମୁତାବକ ମିଳିଯାଉଛି। ପଞ୍ଚାୟତ ଅଫିସ୍ ଯାଇକି ସେକ୍ରେଟାରୀଙ୍କ ପାଖେ ଦାସେ କୁହନ୍ତି 'ହେଇଟି ଆମ ଘରେ ମୁଁ ଏକା ନୁହେଁ ବା.. ଜଗା ବି ମୋ ଘର ଲୋକ। ହାଁ..ତା ପାଇଁ ବି ଦବ.. ଚାଉଳ ଡାଲି।'

ବିଗତ କେତେ ବର୍ଷ ହେଲାଣି ଏମିତି ଦାସେ ତାଙ୍କର ଦିନ କାଟିଦେଉଥିଲେ। ବାସ୍ ଠାକୁରଙ୍କୁ ଚାହିଁ ନାମ କୀର୍ତ୍ତନ କରି ଦିନ ବିତେଇ ଦିଅନ୍ତି ଦାସେ ।

'ହେ.. ଏଇଟା ଅକର୍ମାଟା .. ଯାକୁ କିଏ ଝିଅ ଦେବ ଲୋ !!' ଏମିତି କହି ସାହି ଭାଉଜ ମାନେ ଟାହି ଟାପରା କରୁ କରୁ ସତ ସତିକା ତାକୁ ଝିଅ ମିଳିଲେନି। ଦାସେ ଆବାହୁଡ଼ ରହିଗଲେ।

ଧିରେ ଧିରେ ଦାସେ ବୟସର ଉପର ପାହାଚକୁ ଚଢୁଥିଲେ। ପିଲାମାନେ ଏ ବର୍ଷ ଜୋର୍ କରି କହିଲେ 'ଦାସେ ଆଜ୍ଞା.. ଏଥର ରଥ ବନାନ୍ତୁ। ଆମେ ଜଗାକୁ ରଥରେ ଟାଣି ଟାଣି ଗାଆଁରେ ବୁଲେଇବୁ। ପଇସା ପାଇଁ ଚିନ୍ତା କରନି, ଆମେ ଚାନ୍ଦା ମାଗି ଆଣିବୁ । ଭାଗବତ ଟୁଙ୍ଗି ଘରେ ମାଉସୀ ବାଡ଼ି କରି ରଖିବୁ, ପୂଜା ପାଠ ତ ତମେ ଜାଣିଛ..ବାକି କଥା ଆମେ ବୁଝିବୁ।'

ଦାସେ ବଡ଼ କୁଁଥି କୁଁଥି ହେଲେ, ପରେ କଣ ଭାବିଲେ କେଜାଣି..ରଥ ମନା କରିଦେଲେ। ଗାଁର ସବୁ ପିଲାମାନେ ଏଥର ତାଙ୍କ ବାପା ମାଙ୍କ ପାଖେ ଯାଇ ଅଳୀ କଲେ, 'ଦାସେ ଆଜ୍ଞାକୁ କୁହନ୍ତୁ ଆମ ପାଇଁ ରଥ କରିବେ। ଆମେ ଏ ବର୍ଷ ରଥ ଟାଣିବୁ।'

ଶେଷରେ ଗାଁ ମହାରଣାଙ୍କ ଉଦ୍ୟମରେ ରଥ ତିଆରି ହେଲା।

ବଡ଼ ଶ୍ରଦ୍ଧାରେ ପ୍ରଥମ ଥର କରି ଗାଆଁରେ ରଥ ଯାତ୍ରା ହେଲା । ଆକାରରେ ଛୋଟ ହେଲେ ବି ରଥଟି କିନ୍ତୁ ନନ୍ଦିଘୋଷ ରଥର ଅବିକଳ ନକଲ ..ଯେ କେହି ରଥ ଦେଖି ଦଣ୍ଡେ ରହି ଯାଉଥିଲେ।

ଜଗା ପାଇଁ ଦାସେଙ୍କ ଖୁବ୍ ଭକ୍ତି।

ଦାସେ ଠିକ୍ ଯେମିତି ଯୋଗୀ ବନିଗଲେ । ସବୁଦିନ ଗେରୁଆ ବସ୍ତ୍ର ପିନ୍ଧି ଗାଆଁ ସାରା ବୁଲି ଜଗାର ସ୍ନାନ ପୂର୍ଣ୍ଣିମାଠାରୁ, ନେତ୍ର ଉତ୍ସବ, ଯୋଗୀ ବେଶ , ନାଗାର୍ଜୁନ ବେଶଠାରୁ ସୁନା ବେଶ ଯାଏଁ ଜଗାର ସବୁ ରୀତି ନୀତି ଗୀତ ଆକାରରେ ଗାଇ ଗାଆଁ ଲୋକଙ୍କୁ ଶୁଣେଇଲେ।

ରଥ ଯାତ୍ରା ଦିନ ଜଗାକୁ ରଥରେ ବସାଇ ଦାସେ ସାହି ସାହି ବୁଲିଲେ ଆଉ ପିଲାଏ ଦୁଇ ଧାଡ଼ି ବାନ୍ଧି ଜଗାକୁ ଖୁବ୍ ଆନନ୍ଦରେ ରଥ ଟାଣି ଟାଣି ନେଲେ । ରଥ ଯାତ୍ରାର ନିୟମ ଅନୁଯାୟୀ ଜଗା ନିଜ ମନ୍ଦିରରୁ ବାହାରି ମାଉସୀ ବାଡ଼ିରେ ଯାଇ ରହିବେ। ତେଣୁ ରଥ ଯାଇ ଭାଗବତ ଟୁଙ୍ଗିରେ ଅଟକିଲା। ସେଦିନ ରଥରେ ବିରାଜ ମାନ ହୋଇ ପୂଜା ପାଇଲେ। ଠାକୁରଙ୍କ ନୀତି ସାରି ଘରକୁ ଫେରିବା ବେଳ ହେଲା।

ଗାଆଁ ଲୋକ ନିଜ ନିଜ ଘରକୁ ଫେରିଗଲେ। ଦାସେ ବି ଧିର ମନ୍ଥର ଗତିରେ ପାଦ ପକେଇ ଘରକୁ ଫେରିଲେ କିନ୍ତୁ ଘରେ ପଶିଲା ପରେ ତାଙ୍କୁ ଖୁବ୍ ଖାଁ ଖାଁ ଲାଗିଲା। ଦାସେ ଘରେ ପଶିପାରିଲେ ନାହିଁ । ଜଗା ବିନା ତାଙ୍କୁ ଖୁବ୍ ଏକା ଏକା ଲାଗିଲା। ତାଙ୍କ ମନ୍ଦିର ଶ୍ରୀ ହିନ ଭଳି ଲାଗିଲା।

ଦାସେ ପାଞ୍ଚ ମିନଟ୍ ବି ଭିତରେ ରହି ପାରିଲେ ନାହିଁ। ବାହାରକୁ ଆସି ଭୋ ଭୋ କରି ଜୋର ଜୋର କାନ୍ଦିବାକୁ ଲାଗିଲେ।

'ଜଗାରେ ମୋତେ ଏକୁଟିଆ କରି କାହିଁ ଛାଡ଼ି ଚାଲିଗଲୁରେ.. ମୁ ଅନାଥ ହେଇଗଲି ରେ..ରେ ଜଗା.. ରେ କାଳିଆ ସୁନା.. ରେ ଧନ ..'

ଧିରେ ଧିରେ ତାଙ୍କ ସ୍ୱର ଥମି ଗଲା। ଅଚେତ୍ ହୋଇ ତଳେ ପଡ଼ିଗଲେ। ତାଙ୍କୁ ପାଣି ଛାଟିଲା ପରେ ହୋସ୍ ଆସିଲା କିନ୍ତୁ ଦାସେ ଆଉ କଥା ହେଇପାରୁନଥିଲେ। ତାଙ୍କୁ ତୁରନ୍ତ ପାଖ ଡ଼ାକ୍ତରଖାନାକୁ ନେଇଗଲେ। ପରଦିନ ସକାଳୁ ଦାସେ ଠିକ୍ ହୋଇ ଘରକୁ ଫେରିଲେ। ଗାଆଁ ଲୋକେ ନିଷ୍ପତ୍ତି ନେଲେ, ଏବେଠୁଁ ଭାଗବତ ଟୁଙ୍ଗୀ ଦାସେଙ୍କ ପାଇଁ ଦ୍ୱିତୀୟ ଘର । ସେଠାରେ ସେ ଯେବେ ଆଉ ଯେତେଦିନ ଚାହିଁବେ ରହିପାରିବେ । ସେଠାରେ ରହିବା ପାଇଁ ତାଙ୍କର ସବୁ ବ୍ୟବସ୍ଥା କରାଗଲା ।

ଦାସେ ଖୁସିରେ ଜଗା ପାଖରେ ନଅଦିନ ରହି, ସେଠାରେ ରହି ପୂଜା ପାଠ କରି ଧୁମ ଧାମରେ ବାହୁଡ଼ା ଯାତ୍ରା ସାରି ଜଗାକୁ ପୁଣି ଠାକୁର ବାଡ଼ିକୁ ନେଇ ଆସିଲେ ।

# ପାର ମାଉସୀ



**ଘନଶ୍ୟାମ ପଲେଇ**



ବହୁ ଦିନ ପରେ ଗାଁକୁ ଯିବାର ମୌକା ମିଳେ । ଗାଁ ମୁଣ୍ଡରେ ପହଞ୍ଚି ଦେଖେ ଗାଁ ମୋର ଆଉ କାହା ଗାଁ ପରି ସହର ସହର ବାସୁନି । ଯଥା ପୂର୍ବଂ ତଥା ପରଂ। ଗାଁରେ ହେଇନି ବେଶି କିଛି ପରିବର୍ତ୍ତନ । ଖାଲି ଗାଁଦାଣ୍ଡ ବାଲି କାଦୁଅରୁ ହେଇଚି ପକ୍କା। ଆଉ କିଛିଟା ଭେଣ୍ଡିଆ ନିଜ ସ୍ତ୍ରୀ ମଥାରେ ସିନ୍ଦୁର ଘସିଲା ପରି ଘସୁଥିଲେ ମୋବାଇଲ ସ୍କ୍ରିନକୁ । ଗାଁମୁଣ୍ଡ ପୋଖରୀ ମୋ ଆଡେ ଚାହିଁ ରହିଥିଲା ଅପଲକ ନୟନରେ। ଭଲ କି ନଜର କଲି ପୋଖରୀ ହୁଡାରେ ଥିବା ତାଳ ଗଛକୁ । ସବୁ ସିମିତି ଛାତି ଫୁଲେଇ ଉପରମୁହାଁ ମୁଣ୍ଡ ଟେକି ଛିଡା ଥିଲେ ସଗର୍ବେ। ହୁଡା ଉପରକୁ ଚଢି ଦେଖିଲି ସେମାନଙ୍କ ଗର୍ବର କାରଣ --- ତାଙ୍କ ପିଲାମାନେ ଅର୍ଥାତ ଛୋଟ ବଡ ଅନେକ ତାଳ ଗଛ ଭରିଗଲାଣି ପୋଖରୀ କଡେ କଡେ। ଏଥିରୁ ଜ୍ଞାନୀ ପାଠକେ ଧରିପାରୁଥିବେ ଗାଁ ଲୋକେ କେତେ ବ୍ୟବହାର କରୁଥିବେ ପୋଖରିକୁ ।

ଗାଁ ଭିତରକୁ ପସିଛି କି ନା ନଜର ପଡିଲା ଗାଁ ମଝି ଅଶ୍ୱତଥ୍ ଗଛ ମୂଳେ ଥିବା ଭିଡକୁ। ଆଡେଇ ପସିଗଲି। ଦେଖିଲି ପାର ମାଉସୀ ପଡିଛି ଉପର ମୁହାଁ। ପାଟି ସୁଖି ଅଠା ଅଠା। ପଡିଛି ଜିଭ କାମୁଡି। ପେଟ ବି ଦିଶୁଥିଲା ଫୁଲିଲା ଫୁଲିଲା। କଥାଟା ବୁଝି ଜାଣିଲି ଯାହା ତାହା ଚୁମ୍ବକେ ଚୁମ୍ବକେ ଆମ୍ଭେ ଲେଖୁଛି ।

ଆମ ପାର ମାଉସୀକୁ ବା କିଏ ନ ଜାଣେ ଗାଁରେ। ଖାଲି କଣ ଗାଁ ତାକୁ ସଭିଏଁ ଜାଣନ୍ତି ଏ ଖଣ୍ଡ ମଣ୍ଡଳରେ। ଭାରି ଥିଲା ବାଲା ଲୋକ। ଅବଶ୍ୟ ତା' ଆଗ ଜୀବନ ଥିଲା ଭାରି ହୀନିମାନିଆ। ଅନାଥ ଝିଅ । ବାହା କରେଇ ଦେଲେ ସୁନ୍ଦର ପିଲାଟିଏ ଦେଖି। ବର୍ଷ କେଇଟା ଯାଇଛି କି ନା ତା' ସ୍ୱାମୀ ଚାଲିଗଲା ଅକାଳରେ । ତାକୁ ଚତୁର୍ଦ୍ଦିଗ ଦିଶିଲା ଅନ୍ଧାର। ପିଲାପିଲି ଥିଲେ ବଞ୍ଚି ଯାଇଥାନ୍ତା ସେମାନଙ୍କ ମୁହଁ ଚାହିଁ। ତାହା ବି ଭାଗ୍ୟରେ ଜୁଟିଲାନି। ଉପାୟ ଶୁନ୍ୟ ହେଇ ଦନେଇ ବୁଢ଼ାର ହାତ ଧରିଲା। ତା'ର ବି କେହିନଥିଲେ ପିଲାପିଲି। ବୁଢୀ ବି କେଉଁକାଳୁ ଆଖି ବୁଜି ସାରିଥିଲାଣି । ଲୋକେ କହନ୍ତି ପାର ଏଡେ ସୁନ୍ଦର ଥିଲା ଯେ ପାଇ ପାରିଥାନ୍ତା ଭଲ ବର । ହେଲେ ଗାଁ ଗହଳି କଥା ସିଏ କାଲେ ସେକେଣ୍ଡ ହେଣ୍ଡ । ଏକଥା ମୁଁ ଲେଖିବାକୁ କିଏ ବା ଗାଁବଲା କହୁଥିଲେ। ଛାଡ ସେକଥା। ତା'ପରର ଘଟଣା କହୁଛି - ପୋଡା କପାଳୀଟା, ଭାଗ୍ୟରେ ନାହିଁ ସ୍ୱାମୀ ସୁଖ। ଚାରିଟା ବର୍ଷ ଘର କରିଛି କି ନାହିଁ ଦନେଇ ବୁଢା ବି ଚାଲିଗଲା ଆରପାରିକୁ । ଦନେଇ ବୁଢାର ବି ଆଗପଛ ନ ଥିଲେ କେହି । ତେଣୁ ସବୁ ସମ୍ପତ୍ତି ହେଇଗଲା ପାରମାଉସୀ ନାଁରେ।

ପାର ମାଉସୀ ଉପରେ ପଡିଗଲା ଦୁଃଖର କଳାପାହାଡ । ସିଏ କିନ୍ତୁ ଦୁଃଖରେ ଚାପି ହେବା ଆଗରୁ ନିଜ ଭିତର ସାହାସ ଓ ଧର୍ଯ୍ୟର ଖମ୍ବକୁ କଲା ମଜବୁତ । ଭାଙ୍ଗି ପଡିଲା ନି ବରଂ ଗୋଟିଏ ଉପାୟ ପାଇଗଲା ଜାଣ। ଯୋଉ ବୁଢାର ଆଗପଛ ନଥିବେ ତାକୁ ହିଁ ଦେଖି ହେଲା ବାହା ଗୋଟାକ ପରେ ଗୋଟେ । ବର୍ଷ କେଇଟାରେ ଅଚଳାଚଳ ସମ୍ପତ୍ତିର ହେଇଗଲା ମାଲିକାଣି। ଲୋକେ ଯାହା କହନ୍ତି ପାଞ୍ଚଟା ବାହା ହେଇଥିଲା ଜୀବନ କାଳରେ। ଶେଷ ବେଳକୁ କିନ୍ତୁ ନଥିଲେ କେହି ।

ବୁଢୀର ସବୁ ଗୁଣ ଠିକ୍ ଯେ ଗୋଟାଏ ଥିଲା ଆଲୁଦୋଷ । କଣ୍ଟା ବାଡରେ ଲୁଗା ପକେଇ କରିବ ଝଗଡ଼ା । କରିବ କଳି । ତୁନି ପଡିବ ନାହିଁ ପାଟି । ରାହା ଧରି ରାଗିବ। ତା' ସହ କେହି ପାରନ୍ତି ନାହିଁ କଳିଝଗଡାରେ। ସବୁ ହାର ମାନି କହନ୍ତି --- କିଏ ପାରିବ ! କଳିହୁଡ଼ୀ ପାର ବୁଢୀକୁ । ଚୁପ୍ ରହନ୍ତି ସଭିଏଁ।

ଚୋର ଘର ତ ସବୁଦିନ ନଥାଏ ଅନ୍ଧାର। ପୂର୍ଣ୍ଣିମା ବି ଆସେ । ଗାଁକୁ ବହୁଟିଏ ଆସିଲା ବାହା ହେଇ । ବର୍ଷେ ଯାକେ ଜାକିମାଡି ରହିଲା ଚୁପ କିନ୍ତୁ ସ୍ୱଭାବ ନୈବ ମୁଚ୍ୟତେ । ଧିରେ ଧିରେ ଫୁଟି ବାହାରୁଥିଲା ପଦାକୁ । ସଂଯୋଗ ବଶତ ପାର ମାଉସୀ ଆଉ ତା ମଧରେ ଚାଲିଲା ଯୁଦ୍ଧ ଘୋମାଘଟ।

ସବୁ ଯୁଦ୍ଧର ଥାଏ ଏକ ନିତି ନିୟମ । ଗାଁ କଳିରେ ବି ଥାଏ ସିମିତି କିଛି ନିୟମ । ଯଥା ବାଡି କି ଖଣ୍ଡାରେ ନୁହେଁ କେବଳ ମୁହଁରେ ମୁହଁରେ ଯାହା । ଆଉ ଯିଏ କିଛି ସମୟ ଚୁପ ରହିଲା ଜାଣ ହାରିଲା ସିଏ । ଯୁଦ୍ଧ ଚାଲିଲା ତିନି ଦିନ ଦୁଇରାତି । ଗାଁ ଦାଣ୍ଡ ଡିଜେ ସାଉଣ୍ଡ ପରି କମ୍ପିଲା । ଥରହର ହେଲା ଗାଁ ଭୁଇଁ । ଜଣେ ଏମୁଣ୍ଡରୁ ତ ଜଣେ ସେ ମୁଣ୍ଡରୁ । ଗୋଡ କଚାଡି କଚାଡି ଫିଙ୍ଗି ଚାଲିଥିଲେ ଶବ୍ଦ ବାଣ । ତୋ ବଂଶ ବୁଡୁ, ତୋ------ ଏତେ ସବୁ ବୋଲିବାକୁ କି ଲେଖିବାକୁ ଆମ୍ଭେ ନିତ୍ୟାନ୍ତ ଅକ୍ଷମ ।

ତା'ରି କରୁଣ ପରିଣତି ଆଜିର ଏ ଘଟଣା । ତଦନ୍ତରୁ ଜଣା ପଡିଲା ଯେ କେହି ଯୁଦ୍ଧର ନିୟମ ଉଲଘ୍ନ କରିନାହାନ୍ତି କି ମାରିନାହାଁନ୍ତି ଅସ୍ତ୍ରଶସ୍ତ୍ରରେ । ବୁଢୀ ଏକୁଟିଆ ତେଣୁ ରୋଷେଇ କରି ନପାରି ଅଖିଆ ଅପିଆ ମରିଚି । ଅପରପକ୍ଷରେ ବହୁଟିକୁ ଘରର ଲୋକେ ରାନ୍ଧି ବାଢି ଖାଇବାକୁ ଦେବା ସହ ବରଂ ପାଳିକରି ଝଗଡା କରିବାରେ କରିଛନ୍ତି ସାହାଯ୍ୟ । ତେଣୁ ସେ ସୁସ୍ଥ ଓ ସତେଜ । ଅତଏବ ଏଥିରୁ ଗୋଟେ କଥା ସମ୍ପୁର୍ଣ୍ଣ ସତ୍ୟ ପ୍ରମାଣିତ ହେଲା ଯେ, ସେ ରାଜ୍ୟ ବିଜୟ ହେଉ କି ଗାଁ କଳି ହେଉ କେବେ ବି ଏକା ବିଜୟ କରି ହୁଏନା ।

ବଡ ଆମୁଁଣି, ହାଣ୍ଡିଭଙ୍ଗା,
ଝୁମ୍ପୁରା, କେନ୍ଦୁଝର-୭୫୮୦୩୧
ମୋ: ୯୪୩୭୭୧୮୫୦୦

# ପ୍ରେମର ପୃଥକ୍ ପରିଭାଷା



**ସୁଦର୍ଶନ ମହାପାତ୍ର**



ଭାଗ୍ୟଶ୍ରୀ ପ୍ରଣବଙ୍କ ଆଗମନକୁ ଚାତକ ଭଳି ଚାହିଁ ରହିଥିଲା। ବାଣ ରୋଷଣୀ ଶବ୍ଦକୁ କାନେଇଥିଲା କେବେଠୁ। ତା' ଜୀବନର ଇପ୍ସିତ ମହାର୍ଘ ମୁହୂର୍ତ୍ତଟି ଉପଗତ ହୋଇଥାନ୍ତା। ଖୁସିର ପରିବେଶଟିଏ ସୃଷ୍ଟି ହୋଇଥାନ୍ତା। ଶଂଖ ହୁଳହୁଳି ମହୁରୀ ଶବ୍ଦରେ ଘର ଫାଟି ପଡୁଥାନ୍ତା। ବାହାଘରର ଆଦ୍ୟପର୍ବମାନ ଶୃଙ୍ଖଳିତ ଭାବେ ସମ୍ପାଦିତ ହେଉଥାନ୍ତା। ହେଲେ ଅନାହୂତ ଦୁର୍ଘଟଣାଟିଏ ଘଟିଗଲା ତା ଜୀବନରେ। ଏ ସବୁ ବିଷୟ ଜାଣିବା ପରେ ପ୍ରଣବଙ୍କ ତରଫରୁ ତାଙ୍କ ଘର ଲୋକେ ଏ ବାହାଘର ହୋଇ ପାରିବନି ବୋଲି ମନା କରିଦେଲେ। ଅନେକ ଥର ଅନୁରୋଧ କରିବା ପରେ ଫୋନ୍ ରିସିଭ୍ କରି 'ଆପଣଙ୍କ ଝିଅକୁ ମୁଁ ଗ୍ରହଣ କରିପାରିବି ନାହିଁ' ବୋଲି ବାପାଙ୍କୁ ଉତ୍ତର ଫେରାଇଲେ ପ୍ରଣବ ।

ଭାଗ୍ୟଶ୍ରୀ ପରି ଅପବିତ୍ର ଝିଅକୁ କିଏ କାହିଁକି ବାହା ହୋଇଥାନ୍ତା ! ବିସମ୍ବାଦଟିକୁ ଶୁଣିବା ପରେ ଦୀର୍ଘଦିନର ଭଲ ପାଇବାକୁ ଉପେକ୍ଷା କରି ପ୍ରଣବ ତା'ଠାରୁ ଦୂରେଇ ଯିବାର ନିଷ୍ପତ୍ତି ନେଇଗଲେ। ସତରେ ଓଡିଶା ପ୍ରଶାସନିକ ସେବାର ଉଚ୍ଚ ପଦସ୍ଥ ଅଫିସର ଜଣେ ଏପରି ଏକ ଝିଅକୁ ଗ୍ରହଣ କରିଥାନ୍ତେ କିପରି ? ସବୁ ଟିଭି ଚ୍ୟାନେଲରେ ଦୁଷ୍କର୍ମର ଘଟଣାଟି ଏବେ ଚର୍ଚ୍ଚାର ଖୋରାକ ଯୋଗାଇଛି। ହେଲେ ତା'ର ବା ଏଥିରେ ଦୋଷ କେଉଁଠି ?

ଘଟଣାଟି ଘଟିଥିଲା ସେଦିନ ପ୍ରାୟ ରାତି ଏଗାରଟା ବେଳକୁ। ଯେଉଁ କେତେଜଣ ବନ୍ଧୁବାନ୍ଧବ ପହଞ୍ଚିଥିଲେ ପ୍ରାୟତଃ ଥିଲେ ସ୍ତ୍ରୀ ଲୋକ। ଦଳେ ଲୋକ ଆସିଥିଲେ ସୁକୁମାର ବାବୁଙ୍କୁ ଦେଖା କରିବାକୁ। ସମସ୍ତେ ଭାବିଥିଲେ ନିର୍ବାଚନ ସମ୍ବନ୍ଧୀୟ କିଛି କଥାବାର୍ତ୍ତା କରିବାକୁ ସେମାନେ ଆସିଥିବେ। ଲୋକେ ଚାହୁଁଥିଲେ ଚାକିରୀରୁ ଅବସର ନେଇ ଗାଁରେ ଆସି ରହୁଥିବା ସଚ୍ଚୋଟ ସୁକୁମାର ବାବୁଙ୍କୁ ସରପଞ୍ଚ ପ୍ରାର୍ଥୀ କରିବାକୁ। ଏଥିରେ ଅବଶ୍ୟ ମର୍ମାହତ ହେଉଥିଲେ କିଛି ଆଶାୟୀ ପ୍ରତିଦ୍ୱନ୍ଦୀ ।

ଅଳ୍ପ କିଛି ସମୟର ଧମକ ଚମକ, ଅଶ୍ରାବ୍ୟ କଟୁକ୍ତି ପରେ ପରିବାରର ସମସ୍ତ ସଦସ୍ୟଙ୍କୁ ବନ୍ଧୁକ ଦେଖାଇ ଗୋଟିଏ ରୁମରେ ରଖି ଜଗି ରହିଲେ । ଯେତେ କାକୁତି ମିନତି ହେଲେ ବି ସେମାନଙ୍କ ମନରେ କୌଣସି ପରିବର୍ତ୍ତନ ଆସିଲା ନାହିଁ। ଯେତେସବୁ ଗହଣା, ଟଙ୍କା ପଇସା ଆଦି ଲୁଟି ନେଲେ ଏବଂ ଭୟାତୁରା ଭାଗ୍ୟଶ୍ରୀ ଉପରେ ନଜର ପଡିଗଲା ପରେ ଦୁର୍ବୃତ୍ତ ମାନେ ଯେମିତି ପାଷାଣ୍ଡ ପାଲଟିଗଲେ। ପ୍ରତିରୋଧ କରିବାକୁ ଚେଷ୍ଟା କରି ସଦାଶିବ ବାବୁଙ୍କୁ ପ୍ରବଳ ମାଡ଼ ମାରି ଲହୁ ଲୁହାଣ କରିଦେଲେ।-' ମୋ ବାପାଙ୍କୁ ଛାଡିଦିଅ' ର ଆକୁଳ ପ୍ରାର୍ଥନା ଜହ୍ଲାଦଙ୍କ ମନରେ କୌଣସି ରେଖାପାତ କଲାନି। ପ୍ରିୟଜନ ଏବଂ ବନ୍ଧାହୋଇ ଅସହାୟ ଅବସ୍ଥାରେ ଥିବା ବାପାଙ୍କ ସାମ୍ନାରେ ତାଙ୍କ ଅଳିଅଳି ଝିଅକୁ ବାହାରକୁ ଘୋଷାରି ନେଇ ବାହାରୁ କବାଟ ବନ୍ଦ କରିଦେଲେ। ଅନ୍ୟ ଗୋଟିଏ ରୁମରେ ଭାଗ୍ୟଶ୍ରୀର ସବୁକିଛି ଲୁଟି ନେଇ ଚାଲିଗଲେ ସେମାନେ।

ଖବର ପାଇ ପୋଲିସ ଆସି ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିଥିଲେ ଯଥାରୀତି। ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାର ପ୍ରତିଶ୍ରୁତି ଦେଇ ଫେରିଥିଲେ ପୋଲିସ ଇନ୍ସପେକ୍ଟର।

ଆବଶ୍ୟକୀୟ ଚିକିତ୍ସା ପରେ ପୋଲିସ ହେପାଜତରେ ବାପଝିଅ ଦୁହେଁ ଫେରିଲେ ଘରକୁ। କାନ୍ଦବୋବାଳିରେ ଫାଟି ପଡୁଥିଲା ଘର। ଭାଗ୍ୟଶ୍ରୀ ନିଜର ଦୁର୍ଭାଗ୍ୟକୁ ନେଇ ଯେମିତି ମୂକ ପାଲଟି ଯାଇଥିଲା। ସତେକି ସେ ସ୍ପନ୍ଦନହୀନ ଜୀବଟିଏ। ସେ କ'ଣ ଜାଣିଥିଲା ଗତକାଲିର ରାତି ତା ଜୀବନରେ ଏମିତି କାଳିମା ବୋଳିଦେବ ବୋଲି ! ବେସାହାରା କରି ବିଚ୍ ରାସ୍ତାରେ ଠିଆ କରେଇ ଦେବ ସବୁତକ ଅସଜଡା ଦୁର୍ବୋଧ ବର୍ଣ୍ଣମାଳାକୁ ସଜାଡିବା ପାଇଁ। ଆଜି କୌଣସି କଥାରେ ଛନ୍ଦ ନାହିଁ,ଲାଳିତ୍ୟ ନାହିଁ। ମୁହୂର୍ତ୍ତଟେ ପାଇଁ ସ୍ପୃହା ନାହିଁ ବଞ୍ଚିବାକୁ। ଯେମିତିକି ପାଦ ତଳୁ ମାଟି ଖସି ଖସି ଯାଉଛି। ଚାରିଆଡେ କେବଳ ବହଳ ଅନ୍ଧକାର ମାନେ ଦାନ୍ତ ନିକୁଟାଇ ଉପହାସ କରୁଥିଲେ। ଅସଲଗ୍ନ ଇଚ୍ଛା ମାନେ ଜାଗ୍ରତ ହୋଇ ହୃଦୟକୁ ଆନ୍ଦୋଳିତ କରିବାରେ ଲାଗିଥିଲେ। 'ଆହାଃ' ଶବ୍ଦର ସଂଳାପକୁ ଦୋହରାଇବା ପାଇଁ ଲୋକମାନଙ୍କ ଭିଡ ଜମୁଥିଲା ଆସ୍ତେ ଆସ୍ତେ। ବନ୍ଧୁ ବାନ୍ଧବଙ୍କ ଅଯଥା ଟିକା ଟିପ୍ପଣୀରେ ସେ ବ୍ୟତିବ୍ୟସ୍ତ ହୋଇ ଯାଉଥିଲା। ସେ କାଳ ରାତି ପାହି ଦିନ ଯେତେ ବଢୁଥିଲା ତା ଚାରିପାଖେ କୋଳାହଳ ସେତିକି ବଢୁଥିଲା। ହେଲେ ଭାଗ୍ୟଶ୍ରୀକୁ ଯେମିତି ଶୂନ୍ୟତାର ଚାଦରଟେ ଢାଙ୍କି ପକାଉଥିଲା। ସେ ଅଣନିଃଶ୍ୱାସୀ ହୋଇ ପଡୁଥିଲା ସମୟର ଚକ୍ରବ୍ୟୁହରେ.... !

ହେଲେ ଆଜିର ସୂର୍ଯ୍ୟ ସତେ ଯେମିତି ଗୋଟେଇ ଆଣିଛି ଅପୂର୍ବ ରଂଗବିଭା। ବାହାଘର ପ୍ରସ୍ତାବ ନେଇ ବିପ୍ଳବ ଆସିଛନ୍ତି। ଆସିଛନ୍ତି ବି କାଲି ରାତିରେ ତାଙ୍କ ଘରକୁ ଇନସପେକସନରେ ଆସିଥିବା ସେଇ ପୋଲିସ ଇନ୍ସପେକ୍ଟର। ବିପ୍ଳବଙ୍କ ବନ୍ଧୁ ସେ। ତାଙ୍କରିଠାରୁ ଖବର ପାଇ ସୁଦୂର କୋରାପୁଟରୁ ଆସି ପହଞ୍ଚିଛନ୍ତି ପୋଲିସ ଇନ୍ସପେକ୍ଟର ବିପ୍ଳବ। ସବୁ ବିଷୟ ଜାଣି ମଧ୍ୟ ସେ ଆଗେଇ ଆସିଛନ୍ତି ବାନ୍ଧବୀ ଭାଗ୍ୟଶ୍ରୀକୁ ଗ୍ରହଣ କରିବା ପାଇଁ , ଯିଏ ଦିନେ ବିପ୍ଳବର ପ୍ରେମ ନିବେଦନକୁ ପ୍ରତ୍ୟାଖ୍ୟାନ କରି ପ୍ରଣବକୁ ପ୍ରେମ କରି ବସିଥିଲା।

ବାଣୀବିହାର ୟୁନିଭରସିଟିରେ ରାଜନୀତି ବିଜ୍ଞାନର ତିନିହେଁ ଥିଲେ ଛାତ୍ର । ଅସାମାନ୍ୟା ସୁନ୍ଦରୀ ଭାଗ୍ୟଶ୍ରୀ ପ୍ରେମରେ ପଡିଥିଲା ବିପ୍ଳବ। ହେଲେ ବେପରୁଆ, ଦାୟିତ୍ୱ ବୋଧହୀନ ଭଳି ଗୁଣର ବୋଲି ଆକଳନ କରି ବିପ୍ଳବ ପରିବର୍ତ୍ତେ ଅପେକ୍ଷାକୃତ ସ୍ଥିର ଚିତ୍ତ, ମିଷ୍ଟଭାଷୀ, ମାର୍ଜିତ ସର୍ବୋପରି ମେଧାବୀ ପ୍ରଣବ ଆଡ଼କୁ ସ୍ୱାଭାବିକ ଭାବେ ଢଳିଥିଲା ଭାଗ୍ୟଶ୍ରୀ। ମର୍ମାହତ ବିପ୍ଳବ ବି ଶେଷରେ ଭାଗ୍ୟଶ୍ରୀର ଇଚ୍ଛାକୁ ସମ୍ମାନ ଜଣାଇ ଥିଲା। ନିଜ ପ୍ରଣୟ ନିବେଦନକୁ ପ୍ରତ୍ୟାହାର କରି ନେଇଥିଲା ସାବଲୀଳ ଢଙ୍ଗରେ। ଏତେ ଦିନ ଧରି ତା ସହିତ ମଜା କରୁଥିଲା ବୋଲି ସଫେଇ ଦେଇଥିଲା ଚତୁରତାର ସହିତ। ହେଲେ ଆଜି ବିପ୍ଳବ ଆସିଛନ୍ତି ବାପା, ମା'ଙ୍କ ସାଥିରେ। ବିଧିବଦ୍ଧ ଭାବରେ। ଏତେ ମହାନ୍ କ'ଣ ହୋଇ ପାରନ୍ତି ମଣିଷ ! ଏତେ ବଡ଼ ହୃଦୟର ଅଧିକାରୀ କେବଳ ଈଶ୍ୱର ପଦବାଚ୍ୟ। ବିପ୍ଳବ ପ୍ରଥମେ ଏକୁଟିଆ ଆସିଛନ୍ତି ତା ରୁମକୁ। ସ୍ୱୀକୃତି ଚାହୁଁଛନ୍ତି। -'ମୁଁ ତୁମର ସ୍ତ୍ରୀ ହେବା ପାଇଁ ଯୋଗ୍ୟ ନୁହେଁ ବିପ୍ଳବ ! ତୁମକୁ ଦେବା ପାଇଁ ମୋ ପାଖରେ ଆଉ କିଛି ନାହିଁ। ମୋତେ କ୍ଷମା କରିଦିଅ। 'ଲୁହ ଆଉ କୋହରେ ଭାଙ୍ଗି ପଡୁଥିବା ଭାଗ୍ୟଶ୍ରୀକୁ କୋଳେଇ ନେଇଥିଲା ବିପ୍ଳବ।

ଖୁସିର ବର୍ଣ୍ଣାଳୀ ସୃଷ୍ଟି ହୋଇଥିଲା ଦୁଇ ଦିନ ପରେ। ଅପରାଧୀ ମାନେ ଗିରଫ ହୋଇ ସାରିଥିଲେ ଗୋଟିଏ ଦିନ ଭିତରେ। ସମସ୍ତେ ଧିରେଧିରେ ଭୁଲିବାକୁ ଚେଷ୍ଟା କରୁଥିଲେ ଘଟଣାଟିକୁ। ବିବାହ ବେଦୀକୁ ଭାଗ୍ୟଶ୍ରୀକୁ ପାଛୋଟି ଆଣିଥିଲେ ବିପ୍ଳବର ମାଆ ନିଜେ। ଭାଗ୍ୟଶ୍ରୀ ଯେ ତାଙ୍କ ପୁଅର ଅନନ୍ୟ ପସନ୍ଦ...., ଇପ୍ସିତ ପ୍ରେମ...!!!!

+କୁଞ୍ଜବିହାରୀ ଲେନ, କଟକ

# ‘ସହାୟକ ପକ୍ଷରୁ’ ଆଧ୍ୟାତ୍ମିକ ଆଲୋଚନାଚକ୍ର

ବାଲେଶ୍ୱର,୧୭/୦୭ (ନି.ପ୍ର): ଜିଲାର ଅନ୍ୟତମ ସ୍ୱେଚ୍ଛାସେବୀ ସଙ୍ଗଠନ ‘ସହାୟକ’ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ମିଳିତ ସହଯୋଗରେ ପୁଷ୍ପଲତା ମହାନ୍ତିଙ୍କ ପୌରହିତ୍ୟରେ ଏକ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରବକ୍ତା କୁମାରୀ ଶୁଭଶ୍ରୀ ଏଥିରେ ବକ୍ତା ଭାବେ ଯୋଗଦେଇ ଅଶାନ୍ତ ପରିବେଶରେ ଶାନ୍ତ ବାତାବରଣ ସୃଷ୍ଟି କରିବା, ବିଜ୍ଞାନର ପରିସ୍ଫୁଟନ, ଦୁର୍ବଳ ହୃଦୟର ଏକାଗ୍ରତା ଓ ପରିଚାଳନା କରିବାର ମାର୍ଗଦର୍ଶନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟତମ ପ୍ରବକ୍ତା କୁମାରୀ ମିନତୀ ମଧ୍ୟ ଏକ ସାରଗର୍ଭକ ଭାଷଣ ଦେଇ ପରମାତ୍ମାଙ୍କ ସହ ମନର କଥା କହି ନିଜକୁ ତାଙ୍କ ସହ ବିଲୀନ କରିବା, ସଂସାରକୁ ପ୍ରେରିତ କରିଥିବା ସର୍ବଶକ୍ତିମାନଙ୍କୁ ହୃଦୟରେ ପ୍ରତ୍ୟେକ ସମୟରେ ସ୍ମରଣ କରିବା, ଦୀପଂ ଜ୍ୟୋତି ପରଂବ୍ରହ୍ମ ଓ ସତ୍ୟମ୍ ଶିବମ୍ ସୁନ୍ଦରମ୍ ସଂପର୍କରେ ଆଲୋଚନା କରିଥିଲେ। କ୍ରୋଧ, ଅଶାନ୍ତି ପରିତ୍ୟାଗ କରି ରାଜଯୋଗର ଅନୁସରଣ କରି ସମସ୍ତ ପରିସ୍ଥିତିକୁ ସାମନା କରିବାର ଉପାୟ ଅତ୍ୟନ୍ତ ସାବଲୀଳ ଭାଷାରେ ସେ ବର୍ଣ୍ଣନା କରିଥିଲେ। ଏହି ଆଲୋଚନାଚକ୍ରରେ ପ୍ରତିମା ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସହାୟକର ସଭାପତି ସୁରେନ୍ଦ୍ର ନାଥ ଦାସ, ସାଧାରଣ ସଂପାଦକ ବିଜୟ କୁମାର ଦାସ ଅଧିକାରୀ, ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ବନମାଳି ନାୟକ, ସାଧାରଣ ସଂପାଦକ ବସନ୍ତ ନାୟକ, ସୁଦର୍ଶନ ଦାସ, ଶଚୀନ୍ଦ୍ର ଦାସ, ତାରାକାନ୍ତ ନନ୍ଦ, ଦିବାକର ମହାପାତ୍ର, ସୁରେନ୍ଦ୍ର ପ୍ରସାଦ ଧଳ, ଶ୍ରୀରାମ ଦାଶ, ସୁରେନ୍ଦ୍ର ନାଏକ, ଦାମୋଦର ନାଏକ, ଯୁଧିଷ୍ଠିର ନନ୍ଦ, ସୁଜିତ୍ ଜେନା, ଅଖିଳ କୁ. ଦାଶ, ଅକ୍ଷୟ କୁ. ତ୍ରିପାଠୀ, ଲୋକନାଥ ଆଚାର୍ଯ୍ୟ, ଅକ୍ଷୟ କର, ଲମ୍ବୋଦର ଗିରି, କ୍ଷେତ୍ରମୋହନ ନାୟକ, ପୁରୁଷୋତ୍ତମ ବେହେରା, ସେଖ ଆଲ୍ଲାଉଦ୍ଦିନ୍, ଶାନ୍ତିଲତା ମହାନ୍ତି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ସାବିତ୍ରୀ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲାୟନ୍ସ କ୍ଲବ ଅଫ ବାଲେଶ୍ୱର ସ୍ୟାଣ୍ଡସିଟି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର,୧୭/୦୭ (ନି.ପ୍ର): ଲାୟନ୍ସ କ୍ଲବ ଅଫ ବାଲେଶ୍ୱର ସ୍ୟାଣ୍ଡସିଟିର ୨୫ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠାନ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଓ ବୃକ୍ଷଚାରା ରୋପଣ ଆଦି କାର୍ଯ୍ୟକ୍ରମ ସୂନହଟ ୟୁଜିଏମଇ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସିଂହବାହିନୀ ଯୁବ ପରିଷଦ ଓ ବୋଇତ ବନ୍ଦାଣ କମିଟିର ମିଳିତ ସହଯୋଗରେ ଏହି ସେବା ମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ ସହ ସେବା କ୍ଷେତ୍ରରେ ଲାୟନ୍ସ କ୍ଲବ ଅଫ ବାଲେଶ୍ୱର ସ୍ୟାଣ୍ଡସିଟି ସମସ୍ତଙ୍କ ପାଇଁ ଉଦାହରଣ ହୋଇପାରିଛି ବୋଲି କହିଥିଲେ। ଲାୟନ୍ସ କ୍ଲବ ଅଫ ବାଲେଶ୍ୱର ସ୍ୟାଣ୍ଡସିଟି ଗଭର୍ଣ୍ଣର ଗୌରୀ ଶଙ୍କର ଅଗ୍ରୱାଲ, ବାଲେଶ୍ୱର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୩ ଅନୁଷ୍ଠାନର ସମ୍ମିଳିତ ଉଦ୍ୟମରେ ହେଉଥିବା କାର୍ଯ୍ୟକ୍ରମ ବେଶ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଆଗାମୀ ଦିନରେ ବି ଏହିଭଳି ପଦକ୍ଷେପ ଜାରି ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କ୍ଲବର ଚେୟାରମ୍ୟାନ ବିଷ୍ଣୁ ଖଣ୍ଡେଲୱାଲ, ସଭାପତି ଶଶିଭୂଷଣ ମିଶ୍ର ଓ ସମ୍ପାଦକ ଧର୍ମେନ୍ଦ୍ର ମୋରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଚିନ୍ମୟ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏହି ଶିବିରରେ ଅନ୍ୟାନ୍ୟ ରୋଗ ସହିତ ଚକ୍ଷୁ ପରୀକ୍ଷା କରାଯାଇଥିଲା। ମୋତିଆବିନ୍ଦୁ ଥିବା ରୋଗୀଙ୍କୁ ଚିହ୍ନଟ ସହ ସେମାନଙ୍କର ମାଗଣା ଅସ୍ତ୍ରୋପଚାର ପାଇଁ କ୍ଲବ ପକ୍ଷରୁ ନିଷ୍ପତି ନିଆଯାଇଛି। ସେହିଭଳି ରକ୍ତଦାନ ଶିବିରରେ ୩ ଅନୁଷ୍ଠାନର ବହୁ ସଦସ୍ୟ ରକ୍ତଦାନ କରିଥିଲେ। ପରେ ବୃକ୍ଷଚାରା ରୋପଣ କରାଯାଇଥିଲା।

# ଛତୁଚାଷ ଓ ଜିଆ ଖତ ଉତ୍ପାଦନ ଶୀର୍ଷକ ତାଲିମ ଶିବିର




ବାଲିଆପାଳ, ୧୭/୦୭ (ନି.ପ୍ର): ବାଲେଶ୍ୱର ଜିଲା ଚାଷୀମାନଙ୍କର ଦକ୍ଷତା ବୃଦ୍ଧି ଓ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ବାଲେଶ୍ୱର ତରଫରୁ ଦୁଇ ପର୍ଯ୍ୟାୟ ୪ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଚାଷୀ ମାନଙ୍କର ଆୟ ବୃଦ୍ଧି ପାଇଁ “ଛତୁଚାଷ” ତାଲିମ ଜୁଲାଇ ୫ରୁ ୮ ଓ “ଜିଆ ଖତ ଓ ଜିଆ ଜଳ ଉତ୍ପାଦନ”ଶୀର୍ଷକ ତାଲିମ ଜୁଲାଇ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ କାର୍ଯ୍ୟକ୍ରମରେ ସୋର, ବସ୍ତା, ବାଲିଆପାଳ, ଜଳେଶ୍ୱର, ବାଲେଶ୍ୱର ସଦର ବ୍ଲକର ପ୍ରାୟ ୪୦ ଜଣ ଚାଷୀ ଯୋଗ ଦେଇ ତାଲିମ ଗ୍ରହଣ କରିଥିଲେ । ଛତୁଚାଷର ପ୍ରଣାଳୀ, ବେଡ ପ୍ରସ୍ତୁତି,ଭଲମନ୍ଦ ବ୍ୟବହାର, ପାଳ ଓ ଧିଙ୍ଗିରି ଛତୁଚାଷ । ଛତୁରୁ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି ଉପରେ ବୈଜ୍ଞାନିକ ଡ.ଅମିତାରାଣୀ ପାତ୍ର ତାଲିମ ଦେଇଥିଲେ । ସେହିପରି ଜିଆ ଖତ ଓ ଜିଆ ଜଳ ପ୍ରସ୍ତୁତି ଆବଶ୍ୟକତା ପ୍ରଣାଳୀ, ବ୍ୟବହାର, ଜିଆ ଚାଷ ଓ ବିକ୍ରି ବ୍ୟବସ୍ଥା ସଂପର୍କରେ କାର୍ଯ୍ୟକ୍ରମ ସହାୟକ ନୀରଜ କୁମାର ଜେନା ତାଲିମ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ.ସ୍ୱାଗତିକା ସାହୁ, ଡ.ଗାୟତ୍ରୀ ସାହୁ, ଡ.ପ୍ରଭାମଞ୍ଜରୀ ଗିରି, କ୍ରିଷ୍ଣାମୟୀ ସେଠୀ ଚାଷୀମାନଙ୍କୁ ଏହି ସବୁ ଚାଷ କରି ଆର୍ଥିକ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ ।

## ରାଜଧାନୀରେ ୨୭୫ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୧୭/୦୭ (ନି.ପ୍ର): ରାଜଧାନୀରେ କୋଭିଡ୍ ର ଦୈନିକ ସଂକ୍ରମଣ ବଢ଼ିବାରେ ଲାଗିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶନିବାର ମୋଟ ୨୭୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୧୯୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୦ ହଜାର ୪୪୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୫୮ ହଜାର ୦୪୨ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୩ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୧୮୫ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି।

# ବିଶ୍ୱ ଯୁବ ଦକ୍ଷତା ଦିବସ-୨୦୨୨ ପାଳିତ




ବାରିପଦା, ୧୭/୦୭ (ନି.ପ୍ର): ମୟୂରଭଂଜ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ତା.୧୫.୦୭.୨୦୨୨ ରିଖ ବାଙ୍କିଶୋଳ ସ୍ଥିତ ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ର ଠାରେ ବିଶ୍ୱ ଯୁବଦକ୍ଷତା ଦିବସ-୨୦୨୨ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ନିୟୋଜନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ତାଲିମ ଶୀକ୍ଷାର୍ଥୀ ମାନଙ୍କୁ ଜୀବନରେ ସଫଳତାର ପାହାଚରେ ପହଂଚିବା ପାଇଁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ତାଲିମ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ନିଜର ଜ୍ଞାନ ଦକ୍ଷତାକୁ ପ୍ରତିପାଦନ କରିବା ଦିଗରେ ଆଗେଇ ଯିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଆରଡିଏସି ସଂଗଠନର ସମ୍ପାଦକ ତଥା ଜନଶିକ୍ଷଣ ସଂସ୍ଥାର ଅଧ୍ୟକ୍ଷ ବିଜୟ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ଜିଲ୍ଲା ନିୟୋଜନ ଅଧିକାରୀ ତଥା ଜିଲ୍ଲା ଦକ୍ଷତା ବିକାଶ ନୋଡାଲ ଅଧିକାରୀ ଡି.ଜି ଲାକ୍ରା ପ୍ରମୁଖଙ୍କ ସମେତ ଚାରିଜଣ ରୋଲ ମଡେଲ ସଂଚିତା ମହାନ୍ତ, ଝିଲି କାଳନ୍ଦୀ, ରମେଶ ମହାନ୍ତ, ରାଜେଶ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ରରୁ ପ୍ରଶିକ୍ଷଣ ନେଇ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପାଇବା ସହ ନିଜକୁ ସ୍ୱାବଲମ୍ବୀ କରିପାରିଥିବା ଉକ୍ତ ଚାରିଜଣ ରୋଲ ମଡେଲ ନିଜର ସଫଳତାର କାହାଣୀ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ସେମାନଙ୍କୁ ସମ୍ମାନିତ କରିଥଲେ। ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ଲାକ୍ରା ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅପର୍ଣ କରିଥିଲେ।

## ଭାରତୀୟ କୃଷି ଓ ଅନୁସନ୍ଧାନ ପରିଷଦର ୯୪ତମ ପ୍ରତିଷ୍ଠା ଦିବସ ପାଳିତ

ବାଲିଆପାଳ, ୧୭/୦୭ (ନି.ପ୍ର): ଜିଲା କୃଷି ବିଜ୍ଞାନ କେନ୍ଦ୍ର ବାଲେଶ୍ୱର ତରଫରୁ ଶନିବାର ଭାରତୀୟ କୃଷି ଓ ଅନୁସନ୍ଧାନ ପରିଷଦ ୯୪ ତମ ପ୍ରତିଷ୍ଠା ଦିବସ ବାଲିଆପାଳସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ନୂଆଦିଲ୍ଲୀ ସ୍ଥିତ ଭାରତୀୟ କୃଷି ଓ ଅନୁସନ୍ଧାନ ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଥିବା ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମକୁ ସିଧାପ୍ରସାରଣ ମାଧ୍ୟମରେ ଭାରତ ବର୍ଷର ସମସ୍ତ କୃଷି ବିଜ୍ଞାନ କେନ୍ଦ୍ରରେ ଚାଷୀ ଭାଇ ଓ ଭଉଣୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଦେଖିଥିଲେ । ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ମାନ୍ୟବର କୃଷି ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ସିଂ ତୋମର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଚାଷୀ ମାନଙ୍କ ଆୟ ଦ୍ୱିଗୁଣିତ ହେବା କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟ ଓ ମହତ୍ୱ ସଂପର୍କରେ ଆଲୋକପାତ କରିବା ସହିତ ବିଭିନ୍ନ ରାଜ୍ୟର ଅଗ୍ରଣୀ ଚାଷୀ ଭାଇ ଓ ଭଉଣୀମାନଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବରେ ପଶୁ ସମ୍ପଦ ମନ୍ତ୍ରୀ ପୁରୁଷୋତମ ରୁପାଲା ଏବଂ କୃଷି ରାଜ୍ୟମନ୍ତ୍ରୀ କୌଳସ ଚୌଧୁରୀ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ଉଦବୋଧନ ଦେଇଥିଲେ । ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମହାପ୍ରବନ୍ଧକ ଡ.ତ୍ରିଲୋଚନ ମହାପାତ୍ର ଆଇସିଏଆରର ସଫଳତା କଥା କହିଥିଲେ ।

# ଆନ୍ତର୍ଜାତୀୟ ଭଲିବଲ ଖେଳାଳି ଲାସ୍ୟମୟୀ ସମ୍ବର୍ଦ୍ଧିତ

ବାରିପଦା, ୧୭/୦୭ (ନି.ପ୍ର): ମୟୁରଭଂଜର ମହିଳା ଭଲିବଲ ତାରକା ଲାସ୍ୟମୟୀ ମହାନ୍ତ ନିଜର ପ୍ରତିଭା ବଳରେ ଥାଇଲାଣ୍ଡ ଠାରେ ଅନୁଷ୍ଠିତ ଅଠର ବର୍ଷରୁ କମ ଜୁନିଅର ଏସିଆଡ୍ ଭଲିବଲ ଚାମ୍ପିୟାନସିପରେ ଅଂଶ ଗ୍ରହଣ କରିବାର ସୌଭାଗ୍ୟ ହାସଲ କରିଛନ୍ତି ଓ ଜିଲ୍ଲା ପାଇଁ ଗୌରବ ଆଣିଥିବା ଏହି ପ୍ରତିଭାବାନ ଖେଳାଳିଙ୍କୁ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ୧୦ ହଜାର ଟଙ୍କାର ଚେକ ପ୍ରଦାନ କରିବା ସହ ତାଙ୍କ କୋଚ ସୁଷମା ନନ୍ଦଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ । ଠାକୁରମୁଣ୍ଡା ବ୍ଲକର ବଡପୋଷି ଗାଁରେ ଜନ୍ମ ଗ୍ରହଣ କରି ନିଜର ଉଦ୍ୟମରେ ୨୦୧୮ ମସିହାରେ ମୟୁରଭଂଜ ଜିଲ୍ଲା କ୍ରୀଡା ପ୍ରତିଭା ଅନ୍ୱେଷଣ ଶିବିରରୁ ଚୟନ ହୋଇ ଭୁବନେଶ୍ୱର ସ୍ଥିତ ରାଜ୍ୟ କ୍ରୀଡା ଛାତ୍ରଓବାସରେ ପ୍ରଶିକ୍ଷଣ ଲାଭ କରିଥିଲେ ଓ ପରବର୍ତୀ ସମୟରେ ବହୁବାର ରାଜ୍ୟ ତଥା ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିସାରିସାରିଛନ୍ତି । ସମ୍ବର୍ଦ୍ଧନା ଉତ୍ସବରେ ଉପ ଜିଲ୍ଲାପାଳ ଅନ୍ୟା ଦାସ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ଡେପୁଟି କଲେକ୍ଟର ସୁଜୟ କୁମାର ପତି, ମୟୁରଭଂଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଭଦ୍ରକ ଜିଲ୍ଲାରେ ହେବ ବୃହତ୍ ନିଶା ବିରୋଧି ଆନ୍ଦୋଳନ




ଭଦ୍ରକ,୧୭/୦୭ (ନି.ପ୍ର): ସଂପ୍ରତି ରାଜ୍ୟ ସରକାର ରାଜସ୍ୱ ଆଦାୟ ନାମରେ ସାରା ଓଡ଼ିଶାରେ ବିଭିନ୍ନ ସ୍ଥାନରେ ସରକାର ମଦଦୋକାନର ପସରା ମେଲାଇ ଚାଲିଛନ୍ତି। ଏପରିକି ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ମଦ ଦୋକାନ ଖୋଲିବାକୁ ସରକାରୀ ଅନୁମତି ମିଳିଯାଇଛି। ଫଳରେ ନିଶାର ଉପରୋକ୍ତ ଅନୁଷ୍ଠାନ ଗୁଡ଼ିକ ବାଧାପ୍ରାପ୍ତ ହେବା ସଙ୍ଗେସଙ୍ଗେ ଯୁବ ସମାଜ ନିଶାସକ୍ତ ଓ ଉଦ୍‌ଭ୍ରାନ୍ତ ହୋଇ ନାନାଦି ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ଯାହା ଫଳରେ ସାମାଜିକ ବିଶୃଙ୍ଖଳା, ନାରୀମାନଙ୍କ ଉପରେ ଅତ୍ୟାଚାର, ହତ୍ୟା, ଲୁଣ୍ଠନ ଓ ରାହାଜାନୀ ଆଦି ବୃଦ୍ଧି ପାଇବାକୁ ଲାଗିଛି ବୋଲି ଅପରାହ୍ଣ ୩ ଘଣ୍ଟା ସମୟରେ ଭଦ୍ରକ ତହସିଲ୍ ରୋଡ଼ ସ୍ଥିତ ଧୀକ୍ଷିତ କଲୋନୀରେ ଅନୁଷ୍ଠିତ ମିଳିତ ନିଶା ନିବାରଣ ଅଭିଯାନ ପକ୍ଷରୁ ଜିଲ୍ଲା ସ୍ତରୀୟ ବୈଠକରେ ସଭାପତିତ୍ୱ କରି ଭଦ୍ରକର ବରିଷ୍ଠ ଅଧିବକ୍ତା ତଥା ଆଜୀବନ ସଂଗ୍ରାମୀ ନିରାକାର ଜେନା ମତବ୍ୟକ୍ତ କରିଛନ୍ତି। ଆଇନଜୀବୀ ଗିରିଧାରୀ ନାଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାରା ଜିଲ୍ଲାକୁ ନିଶାମୁକ୍ତ କରିବାକୁ ଏକ ବୃହତ୍ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ରାଜ୍ୟ ସଂଯୋଜକ ଖଗେଶ୍ୱର ବଳ, ନିଶାମୁକ୍ତ ଆନ୍ଦୋଳନର ଅନ୍ୟତମ ନେତା ତଥା ସର୍ବୋଦୟ ମଣ୍ଡଳର ସଭାପତି ଅମର କୁମାର ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ଅଧ୍ୟାପକ ସଂଗ୍ରାମ ମହାନ୍ତି, ଅଧିବକ୍ତା ଅଗଣିଚରଣ ଜେନା, ଯୁବନେତା ବିନୋଦ ସାହୁ ଏବଂ ବନ୍ତ ବ୍ଲକର ଦିଲିପ ନାକୟ, ତ୍ରିଲୋଚନ ପଣ୍ଡା କହିଥିଲେ। ଆସନ୍ତା ଅଗଷ୍ଟ ୨୧ ତାରିଖରେ ଭଦ୍ରକ ଓକିଲ ସଂଘ ସଭାଗୃହରେ ବିଧିବଦ୍ଧ ଭାବେ ଜିଲ୍ଲା ସ୍ତରୀୟ ଆନ୍ଦୋଳନକୁ ସାକାର କରିବାକୁ ବିଭିନ୍ନ ବ୍ଲକରୁ କର୍ମକର୍ତ୍ତାମାନେ ସମ୍ମତି ପ୍ରଦାନ କରିଥିଲେ। ପୂଣ୍ୟାତ୍ମା ନବକୃଷ୍ଣ ଚୌଧୁରୀଙ୍କୁ ଜୟନ୍ତୀ ପୂର୍ବରୁ ବିଭିନ୍ନ ପର୍ଯ୍ୟାୟରେ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଯୁବବର୍ଗ ଓ ମହିଳାଙ୍କୁ ସାମିଲ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।




BALIAPAL COLLEGE OF PHYSICAL EDUCATION
Baliapal, Balasore, Odisha

NOTIFICATION RECRUITMENT OF FACULTIES

Baliapal College of Physical Education, Baliapal, Balasore, Odisha invites application for recruitment of following Teaching Faculties. Eligible Candidates may apply in prescribed format available in the college website: **www.bcpe.in** and submit the same along with self-attested copies of testimonial and fees for interview call on or before **16/08/2022.**

| Name of the Post | No. of Post | Requisite Qualification |
|---|---|---|
| Assistant Professor | 06 | M.P.Ed. or Equivalent Degree with minimum 55% marks |
| Assistant Professor | 04 | M.P.Ed. with 55% of marks, Minimum 8 years of PG teaching experience, Research experience & minimum 5 publications in shape of books / re-search/ policy papers. (Candidates having NET/ SLET/ M.Phill./ Ph.D. shall he given preference) |

Sd/- Prof. Dr. Srikanta Mishra, Member Secretary

For details please visit www.bcpe.in / Contact : 9437546090




❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo